Weekly Multilingual
# ଭଏସ୍ ଅଫ୍ ଭିକ୍ଟିମ୍ସ
Voice of Victims
Pages-8 ODIMUL00867 Rs - 5.00
ଭାଗ:୧, ସଂଖ୍ୟା: ୪୫, ଭୁବନେଶ୍ୱର, ସେପ୍ଟେମ୍ବର ୨୩-୨୯, ୨୦୨୪, Vol: 1, Issue: 45, Bhubaneswar, September 23-29, 2024

# ଶାସନର ଶହେ ଦିନ: କାର୍ଯ୍ୟାନୁଷ୍ଠାନ ଶୁନ

- ମୋଦି-ମୋହନ ଙ୍କ ଗର୍ଜନ ର ଫଳ ଶୁନ
- ବେଦାନ୍ତ ଜମି, ବ୍ଲକ ରୋଜ, ୫ଟି ଯୋଜନା, ପାଣ୍ଡିଆନ୍ ଙ୍କ ହେଲିକପ୍ଟର ଗସ୍ତ, ଶଙ୍ଖ ଭବନ, ନବୀନ ନିବାସ ଜମି ମାମଲା, ବବିଙ୍କ ବେଆଇନ ବଙ୍ଗଳା ସବୁଥିରେ ମୋହନ ସରକାର ଚୁପ୍
- ଜଷ୍ଟିସ ରଘୁବୀର ଦାସ କମିଶନ ରିପୋର୍ଟ ସାର୍ବଜନୀନ ନୋହିଲା
- ଲ୍ୟାଣ୍ଡ, ସ୍ୟାଣ୍ଡ, ମାଇନିଙ୍ଗ ଓ କୋଲ୍ ସବୁ ମାଫିଆ ସକ୍ରିୟ

ସମସ୍ତେ କୁହନ୍ତି ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ନୂଆ ସରକାର କ୍ଷମତାକୁ ଆସିଲେ, ଶାସନର ରୂପ ବଦଳିବାକୁ ପାଖାପାଖି ବର୍ଷେ ସମୟ ଲାଗେ। ଯାହାର ସ୍ପଷ୍ଟ ଉଦାହରଣ ଆମ ରାଜ୍ୟ ଓଡ଼ିଶାରେ ଘଟିଛି। ଚବିଶ ବର୍ଷ ହେବ ଅପରାଜେୟ ଥିବା ବିଜେଡି ସତ୍ତା ହରାଇଛି ଏବଂ ଭାରତୀୟ ଜନତା ପାର୍ଟି ସରକାର ଗଠନ କରିଛି। କ୍ଷମତା ହାସଲ କରିବା ଠାରୁ ନେଇ କ୍ଷମତାର ସଦୁପଯୋଗ କରିବା ସଭିଙ୍କ ପକ୍ଷେ ସମ୍ଭବ ହୋଇନଥାଏ। ପ୍ରଚାର ସମୟରେ ଭୋଟ ହାତେଇବା ନିମନ୍ତେ ସମସ୍ତ ରାଜନୈତିକ ଦଳ ନିଜ ନିଜର ସଂକଳ୍ପପତ୍ର ଅଥବା ମ୍ୟାନିଫେଷ୍ଟୋରେ ଅନେକ ଗୁଡିଏ ପ୍ରତିଶ୍ରୁତି ଦେଇଥିଲେ। ଲୋକଙ୍କ ଭରସାକୁ ଜିତିବାର ଅଗଣିତ ପ୍ରୟାସ ମଧ୍ୟରେ, ବିଜେପି ବାଜି ଜିତିଥିଲା। ବିଜୟର ସୁନା କଳସ ଭାରତୀୟ ଜନତା ପାର୍ଟି ଉପରେ ଢାଳିଥିଲେ ଓଡ଼ିଶାବାସୀ। ବିଜେଡିର ସ୍ଥିର ସରକାର ଉପରୁ ଲୋକମାନଙ୍କର ହୁଏତ ଭରସା ଉଠିସାରିଥିଲା ଅଥବା ବିଶ୍ୱାସ ଥିଲା କି, ବିକଶିତ ଓଡ଼ିଶାର ସ୍ୱପ୍ନକୁ ଆଗେଇ ନେବାରେ ବିଜେପିର ଷ୍ଟ୍ରାଟେଜି ଏକ ନୂଆଦିଶା ଦେଖାଇବ। ବିଜେପି ବି କିଛି କମ ନଥିଲା, ରାଜ୍ୟବାସୀଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ, ରାଜ୍ୟରୁ ଦୁର୍ନୀତି ହଟାଇବା ସହିତ ମାଫିଆରାଜର ଅନ୍ତ କରିବାର ପ୍ରତିଶ୍ରୁତି ଦେଇଥିଲା।



ସାରା ଦେଶରେ ଓଡ଼ିଶା ଏକ ଖଣି ପ୍ରବଣ ରାଜ୍ୟ ଭାବେ ପରିଗଣିତ ହୁଏ। ଯେଉଁଠି ଭରପୁର ମାତ୍ରାରେ ବାଲି, ପଥର, ଭୂମି ଏବଂ କୋଇଲା ଉତ୍ପାଦନ କରାଯାଏ। ଯାହାଦ୍ୱାରା ଏଠାରେ ମାଫିଆ ମାନଙ୍କର କମି ନାହିଁ। ଶୁଣିବାକୁ ମିଳେ, ପୂର୍ବ ସରକାର ସମୟରେ ଖଣି ମାଫିଆମାନେ ବିନା ଦ୍ୱିଧାରେ ଖୁଲମ ଖୁଲା ସେମାନଙ୍କ ରାଜ ଚଳାଇଥିଲେ। ଯାହାର ଅନ୍ତ କରିବା ନିମନ୍ତେ, ବିଜେପି ୨୦୨୪ ନିର୍ବାଚନୀ ପ୍ରଚାରରେ କହିବା ସହିତ ଖୋଦ ପ୍ରଧାନମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସି ଜନତାଙ୍କୁ ଉକ୍ତ ପ୍ରତିଶ୍ରୁତି ଦେଇଥିଲେ। ଏହା ସହିତ, କେନ୍ଦୁଝର ଗସ୍ତରେ ଯାଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମଧ୍ୟ ମାଫିଆ ରାଜର ଅନ୍ତ ଏବଂ ଦୁର୍ନୀତି ବିରୋଧରେ ବଡ଼ କ୍ୟାମ୍ପେନ କରିଥିଲେ । ସବୁର ଆଲୋଚନା ପର୍ଯ୍ୟାଲୋଚନାକୁ ଯଦି ତର୍ଜମା କରଯାଏ, ତେବେ ପୂର୍ବ ଏବଂ ଏବର ସରକାର ଭିତରେ ବିଶେଷ ତଫାତ୍ ଦେଖିବାକୁ ମିଳିବନି। ଜନତାଙ୍କ ଆଖି ଆଢୁଆଳରେ ଦୁର୍ନୀତିର ଚେର ଲମ୍ବି ଚାଲିଛି ଆଉ



ସେଥିରେ ବିଶେଷତଃ ରାଜନେତାମାନେ ସାମିଲ ଥିବାର ଘଟଣା ସାମ୍ନାକୁ ଆସୁଛି। ବିଜେପି ସରକାର ଗଢିବାର ଶହେ (୧୦୦) ଦିନ ପୂରି ସାରିଛି କିନ୍ତୁ ଦେଇଥିବା ପ୍ରତିଶ୍ରୁତି ମୁତାବକ ସରକାର କେତେ ମାତ୍ରାରେ ମାଫିଆ ରାଜ ତଥା ଦୁର୍ନୀତିର ଅନ୍ତ କରିଛି ? ବିଜେଡି ଯେ କେବଳ ଦୁର୍ନୀତିକୁ ପ୍ରସହ୍ୟ ଦେଉଥିଲା ତା ନୁହେଁ, ୨୦୨୩ ରେ ନବୀନ ସରକାର କ୍ଷମତାରେ ଥିବା ସମୟରେ ଓଡ଼ିଶାର ଭିଜିଲାନ୍ସ ବିଭାଗ ୨୬୭ କେସ ରେଜିଷ୍ଟର ହୋଇଥିଲା। ଦେଖାଣିଆ ହେଉ ପଛେ, ସେବେକାର ନବୀନ ସରକାର ଦୁର୍ନୀତି ବିରୁଦ୍ଧରେ କଡା ନିୟମ ଜାରି କରିଥିଲେ, ଅନେକ ଜୁନିଅର ଇଞ୍ଜିନିଅର ତଥା ଲାଞ୍ଚ ନେଉଥିବା ସରକାରୀ କର୍ମଚାରୀମାନଙ୍କୁ ନବୀନଙ୍କ ଦୁର୍ନୀତିର ଛାଟ ପଡିଥିଲା। ତା ଦୃଷ୍ଟିରେ ଏବେର ବିଜେପି ସରକାରର ଦୁର୍ନୀତି ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନର ମାତ୍ରା ବୃଦ୍ଧି ପାଇଛି ସତ ହେଲେ ତାହା ରାଜ୍ୟର ଭିଜିଲାନ୍ସ ବିଭାଗର ଅଧିକ ସକ୍ରିୟତା ପାଇଁ ସମ୍ଭବ ହେଉଛି କହିଲେ ଅତ୍ୟୁକ୍ତି ହେବନାହିଁ। ଏଥିରେ ମୋହନ ମାଝୀଙ୍କ ସରକାରର କୌଣସି ଭୁମିକା ନାହିଁ। ସରକାର ଯେଉଁ ସବୁ ଦୁର୍ନୀତି ଅଥବା ମାଫିଆମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ ସେଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ବେଦାନ୍ତ ଜମି ମାମଲା, ପାଣ୍ଡିଆନଙ୍କ ବେଆଇନ ହେଲିକେପ୍ଟର ଗସ୍ତ, ୫ଞ ର ଦୁର୍ନୀତି, ବ୍ଲକରୋଜ ଦୁର୍ନୀତି, ଶଙ୍ଖଭବନର ବେଆଇନ ନିର୍ମାଣ, ନବୀନ ନିବାସ ସମ୍ମୁଖ ବେଆଇନ ରାସ୍ତା, ବବି ଦାସଙ୍କ କ୍ୱାଟର ରେ ବେଆଇନ ବଙ୍ଗଳା ନିର୍ମାଣ ଦୁର୍ନୀତି ଇତ୍ୟାଦି। ନିବାର୍ଚନ ପ୍ରଚାର ବେଳେ, ପୂର୍ବ ସରକାର ଉପରେ ଯେଉଁସବୁ ଦୁର୍ନୀତିର ଆରୋପ ଲଗାଇଥିଲା ବିଜେପି, ତାର ପର୍ଦାଫାଶ କରିବା ଉପରେ କେତେ ଧ୍ୟାନ ଦେଇଛି ? ଏମିତିକି ସ୍ୱୟଂ ପ୍ରଧାନମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି; ରତ୍ନ ଭଣ୍ଡାର ବାବଦ ରେ ଜଷ୍ଟିସ ରଘୁବୀର ଦାସ କମିଶନ ରିପୋର୍ଟ କୁ ସାର୍ବଜନୀନ କରିବା କାମ ବି ଆଜି ପର୍ଯ୍ୟନ୍ତ ହୋଇ ପାରିଲା ନାହିଁ। ଅପରାଧ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାପାଇଁ ତିନି ମାସ (ଶହେ ଦିନ) ଯଥେଷ୍ଟ କିନ୍ତୁ ଏହାସତ୍ତ୍ୱେ, କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ମାଫିଆଙ୍କୁ ନିଜ ଛାତ୍ରଛାୟା ତଳେ ଆଶ୍ରୟ ଦେଉଛନ୍ତି କି ରାଜ୍ୟ ସରକାର ? ଏକଥାର ଉତ୍ତର ପାଠକମାନେ ଦିଅନ୍ତୁ।

**କୈଳାଶ ଚନ୍ଦ୍ର ଶତପଥୀ**
*ମୁଖ୍ୟ ସମ୍ପାଦକ*



## ସଂ ପା ଦ କୀ ୟ

# ଉତ୍କଟ ହେଉଛି ଜଳବାୟୁ

ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ ପ୍ରକାଶ ପାଉଥିବା ବିଭିନ୍ନ ରିପୋର୍ଟରେ ଆସନ୍ତା ୨୫ ବର୍ଷ ମଧ୍ୟରେ ଭାରତର ମୁମ୍ବାଇ, କୋଲକାତା, ଚେନ୍ନାଇ, ପୁରୀ ସମେତ ବିଶ୍ୱର ପ୍ରମୁଖ ବଡ଼ ବଡ଼ ସହର ସମୁଦ୍ର ଗର୍ଭରେ ଲୀନ ହୋଇଯିବ ବୋଲି ମଧ୍ୟ ଆଶଙ୍କା ପ୍ରକାଶ ପାଇଛି । ଏବେ କିନ୍ତୁ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ ଯେଉଁ ରିପୋର୍ଟ ପ୍ରକାଶ ପାଇଛି ତାହା ଆହୁରି ଚିନ୍ତାଜନକ । ନେଚର କମ୍ୟୁନିକେସନ୍‌ରେ ପ୍ରକାଶ ପାଇଥିବା ଏହି ରିପୋର୍ଟ ଅନୁଯାୟୀ ୨୦୦୩ରେ ୟୁରୋପରେ ପ୍ରାୟ ୭୦ ହଜାର ଲୋକଙ୍କ ଜୀବନ ନେଇଥିବା ୪୭.୫ ଡିଗ୍ରୀ ସେଲସିୟସ୍‌ର ସର୍ବାଧିକ ଗ୍ରୀଷ୍ମ ପ୍ରବାହ ଆସନ୍ତା ବର୍ଷ ପୁଣି ସଂଘଟିତ ହେବାକୁ ଯାଉଛି । ସେହିବର୍ଷ ଗ୍ରୀଷ୍ମ ପ୍ରବାହ ଯୋଗୁଁ ବିଶ୍ୱ ଅର୍ଥନୀତି ୧୩ ବିଲିୟନ ଡଲାରର ଆର୍ଥିକ କ୍ଷତି ସହିଥିଲା ବୋଲି ଅନୁମିତ ହୋଇଥିଲା । ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ, ବିଶ୍ୱ ତାପମାତ୍ରା ୨୦୦୦ ମସିହାରେ ୦.୭ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇଥିବା ବେଳେ ୨୦୨୦ ବେଳକୁ ୧.୨ ଡିଗ୍ରୀ ବୃଦ୍ଧି ପାଇଛି । ଚଳିତ ଦଶନ୍ଧି ଶେଷ ବେଳକୁ ବିଶ୍ୱ ତାପମାତ୍ରା ୧.୫ରୁ ୨ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇବ ବୋଲି ବିଶେଷଜ୍ଞମାନେ ଆଶଙ୍କା ପ୍ରକା। କରିଛନ୍ତି । ଯଦି ସବୁଜ ଗୃହ ବାଷ୍ପ ନିର୍ଗମନକୁ ଯଥାଶୀଘ୍ର ନିୟନ୍ତ୍ରଣ କରା ନ ଯାଏ ତେବେ ଏହି ତାପମାତ୍ରା ୨.୬ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି । ଏହି ରିପୋର୍ଟ ବିଶ୍ୱବାସୀଙ୍କ ପାଇଁ ଚିନ୍ତାଜନକ ନିଶ୍ଚୟ । ଏହାର ପ୍ରଭାବରେ ଯେ ବିପୁଳ ଧନଜୀବନ ହାନି ସହିତ ପରିବେଶ, ଶିଳ୍ପ ଓ ଅର୍ଥନୀତି ଗୁରୁତର ପ୍ରଭାବିତ ହେବ ତାହା ନିଶ୍ଚିତ । ନିକଟରେ ଜଳବାୟୁ ପରିବର୍ତ୍ତନ ଜନିତ ଆଉ ଏକ ରିପୋର୍ଟ ପ୍ରକାଶ ପାଇଛି, ଯାହା ଭାରତର ଜନସାଧାରଣ ଓ ସରକାରଙ୍କ ପାଇଁ ଚିନ୍ତାଜନକ । ଏହି ରିପୋର୍ଟ ଅନୁଯାୟୀ, ଆଗାମୀ ଦିନରେ ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ ଭାରତର ସବୁଠାରୁ ପ୍ରଭାବଶାଳୀ ଓ ଲୋକପ୍ରିୟ ଖାଦ୍ୟ ନିରାପତା କାର୍ଯ୍ୟକ୍ରମ ଗୁରୁତର ପ୍ରଭାବିତ ହୋଇପାରେ । ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ସହିତ ଏଲ୍‌ନିନୋ ଜନିତ ଚଳିତ ମୌସୁମୀରେ ଅନିୟମିତା ଓ ତା'ର ପ୍ରଭାବ କୃଷି କ୍ଷେତ୍ରରେ ତ୍ୱରିତ ଅନୁଭୂତ ହୋଇଛି । ମୁଖ୍ୟତଃ ବର୍ଷା ଉପରେ ନିର୍ଭର କରୁଥିବା କୃଷିପ୍ରଧାନ ଅଂଚଳରେ ସ୍ୱାଭାବିକଠାରୁ ବହୁ କମ୍ ବର୍ଷା ଯୋଗୁଁ କେତେକ ସ୍ଥାନରେ ତଳି ରୁଆ ହୋଇପାରିନଥିବା ବେଳେ ଆଉ କେତେକ ସ୍ଥାନରେ ବିହନ ଆଦୌ ଗଜା ହୋଇପାରିନାହିଁ । ଅପରପକ୍ଷରେ ଆବଶ୍ୟକ ନଥିବା ଅ*ଳରେ ବହୁଳ ବୃଷ୍ଟିପାତ ଯୋଗୁଁ ତଳି ନଷ୍ଟ ହୋଇଯାଇଛି ଏବଂ ବନ୍ୟା ବିପ୍ୱାତ, ଭୂସ୍ଖଳନ ଆଦି ଦେଖାଦେଇଛି । ତେଣୁ ଚଳିତ ବର୍ଷ ଦେଶର ଅନେକ ସ୍ଥାନରେ ଖରିଫ୍ ଚାଷ ଉଜୁଡ଼ି ଯିବା ଏକପ୍ରକାର ନିଶ୍ଚିତ ବୋଲି କୃଷି ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି । ଅସ୍ୱାଭାବିକ ଜଳବାୟୁର ପ୍ରଭାବ କିନ୍ତୁ ଯଥେଷ୍ଟ ପୂର୍ବରୁ ଭାରତର କୃଷି କ୍ଷେତ୍ର ଓ ଶସ୍ୟଭଣ୍ଡାର ଉପରେ ପଡ଼ିସାରିଛି । ଗତମାସ ତୁଳନାରେ ଚାଉଳ ଦାମ ୩% ବୃଦ୍ଧି ପାଇଥିବା ବେଳେ ଏହା ଗତ ବର୍ଷ ତୁଳନାରେ ୧୧.୫% ବୃଦ୍ଧି ପାଇଛି । ବାୟୁମଣ୍ଡଳକୁ ଅଧିକ ପ୍ରଦୂଷିତ କରୁଥିବା ଓ ବିଶ୍ୱକୁ ଅଧିକ ଉତପ୍ତ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରୁଥିବା ଧନୀ ଓ ବିକଶିତ ରାଷ୍ଟ୍ରମାନେ କଳକାରଖାନା ଆଦିରୁ ବିଷାକ୍ତ ବାଷ୍ପ ନିର୍ଗମନ ନିୟନ୍ତ୍ରଣ ପାଇଁ ଆବଶ୍ୟକ ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟା ଏବଂ ତା' ସହିତ ବିଶାଳ ଖର୍ଚ୍ଚ ପରିମାଣରେ ସହାୟତା କରିବା ପାଇଁ ପୁଞ୍ଜି ଯୋଗାଣରେ ତତ୍ପରତା ପ୍ରକାଶ ନ କରି କେବଳ ବିକାଶଶୀଳ ଦେଶମାନଙ୍କ ଉପରେ ଦୋଷ ଲଦି ଦେଉଥିବାରୁ ସମସ୍ୟାର ସମାଧାନ ହୋଇପାରୁନାହିଁ । ଏ ଦିଗରେ ସମ୍ମିଳିତ ଓ ସାମୂହିକ ଉଦ୍ୟମ ଲୋଡ଼ା । ଧନୀ ରାଷ୍ଟ୍ରମାନେ ବିକାଶଶୀଳ ଦେଶମାନଙ୍କୁ ଆର୍ଥିକ ଓ ବୈଷୟିକ ସହାୟତା ଯୋଗାଇ ଦେଲେ ଯାଇ ଏହି ସମସ୍ୟାର ଅନେକ ପରିମାଣରେ ସମାଧାନ ହୋଇପାରିବ । ଏଥିସହିତ ବିଶ୍ୱତାପମାନ ପଞ୍ଝାରୁ ମୁକୁଳିବା ପାଇଁ ଜନସାଧାରଣ ମଧ୍ୟ ଆତ୍ମସଚେତନ ଓ ସଂଯମୀ ହେବା ଆବଶ୍ୟକ । ବ୍ୟକ୍ତିଗତ ଜୀବନରେ ବ୍ୟବହାର କରାଯାଉଥିବା ଇନ୍ଧନ ଓ ଯାତାୟାତ ପାଇଁ ପୁରୁଣା ପ୍ରଯୁକ୍ତି ବିଦ୍ୟାର ମୋଟର ଗାଡ଼ି ଆଦିର ବ୍ୟବହାରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ଆବଶ୍ୟକ ।

ଆପଣଙ୍କ ଅଭିଯୋଗ, ସମସ୍ୟା, ମତାମତ କୁ ପ୍ରମାଣ ସହ ପଠାନ୍ତୁ । ବିଶେଷ ପୃଷ୍ଠା ନିମନ୍ତେ ଆର୍ଟିକଲ(ଆଲେଖ୍ୟ) ବି ପଠାଇ ପାରିବେ ।

ମୋବାଇଲ (ହ୍ୱାଟ୍ସଆପ) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ: କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ଗଣତନ୍ତ୍ରକୁ ଶୃଙ୍ଖଳିତ ରଖିବାରେ ନ୍ୟାୟପାଳିକା ଗୁରୁତ୍ୱପୂର୍ଣ୍ଣ

**ମନୋଜ କୁମାର ଦାସ**

ଗଣତନ୍ତ୍ରକୁ ଗତିଶୀଳ ତଥା ଶୃଙ୍ଖଳିତ ରଖିବାରେ ନ୍ୟାୟପାଳିକା ଯେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ ତାହା ନିର୍ବାଚନ କମିଶନ ନିଯୁକ୍ତି କ୍ଷେତ୍ରରେ ଭାରତର ସୁପ୍ରିମକୋର୍ଟଙ୍କ ଆଦେଶନାମାରୁ ସ୍ପଷ୍ଟ ହୋଇଯାଇଛି । ତିନି ସଦସ୍ୟବିଶିଷ୍ଟ ଭାରତୀୟ ନିର୍ବାଚନ କମିଶନ ଏକ ସାମ୍ବିଧାନିକ ସଂସ୍ଥା । ଏଥିରେ ଜଣେ ମୁଖ୍ୟ ନିର୍ବାଚନ କମିଶନର ରହିଥାନ୍ତି । ଶାନ୍ତିପୂର୍ଣ୍ଣ ଭାବେ ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା କମିଶନଙ୍କ ଦାୟିତ୍ୱ । ମତଦାନ ନିରପେକ୍ଷ ଓ ଅବାଧ ହୋଇପାରିଲେ ଗଣତାନ୍ତ୍ରିକ ବ୍ୟବସ୍ଥାର ମୂଳଦୁଆ ଶକ୍ତ ହୋଇଥାଏ । ନିର୍ବାଚନ ପ୍ରକ୍ରିୟା ଦୁର୍ନୀତିମୁକ୍ତ ରହିପାରିଲେ ଜନସାଧାରଣ ବିବେକାନୁମୋଦିତ ଭୋଟ ଦେବାରେ ସମର୍ଥ ହୋଇପାରିଥାନ୍ତି । ଭାରତୀୟ ନିର୍ବାଚନ କମିଶନଙ୍କ ନିଯୁକ୍ତି ପାଇଁ ପାର୍ଲାମେଂଟ ଉଚିତ୍ ଆଇନ ପ୍ରଣୟନ କରିବା ନିମନ୍ତେ ସମ୍ବିଧାନରେ ବ୍ୟବସ୍ଥା ରହିଛି । କିନ୍ତୁ ସ୍ୱାଧୀନତାର ୭୦ ବର୍ଷ ବିତି ଯାଇଥିଲେ ମଧ୍ୟ ଏଥିପାଇଁ ଆଇନ ପ୍ରଣୟନ ହୋଇପାରି ନାହିଁ । ନିର୍ବାଚନ କମିଶନ ନିଯୁକ୍ତି ଶାସକ ଦଳ ଓ ଏହା ନିୟନ୍ତ୍ରିତ କାର୍ଯ୍ୟପାଳିକା ନିୟନ୍ତ୍ରଣାଧୀନ ହୋଇ ରହିଆସିଛି । ଶାସକ ଦଳ ନିଜ ମନପସନ୍ଦ ବ୍ୟକ୍ତିଙ୍କୁ ନିର୍ବାଚନ କମିଶନ ଭାବେ ନିଯୁକ୍ତି ଦେବାକୁ ରାଷ୍ଟ୍ରପତିଙ୍କୁ ସୁପାରିସ କରିଥାନ୍ତି ଏବଂ ରାଷ୍ଟ୍ରପତି ଏହି ନିଯୁକ୍ତି ପ୍ରଦାନ କରିଥାନ୍ତି । ୭୦ ବର୍ଷ ଧରି ଏ ବାବଦରେ ପାର୍ଲାମେଂଟରେ ଆଇନ ପ୍ରଣୟନ ହୋଇନପାରିବା ଦ୍ୱାରା ଗଣତାନ୍ତ୍ରିକ ପ୍ରକ୍ରିୟାରେ ଯେ, ଶୂନ୍ୟତା ସୃଷ୍ଟି ହୋଇଛି, ତାହା ଆମକୁ ଧରିନେବାକୁ ପଡ଼ିବ । ଏହି ଶୂନ୍ୟତା ପୂରଣ ପାଇଁ ଏବେ ନ୍ୟାୟପାଳିକା ଆଗେଇ ଆସିଛି । ଶୀର୍ଷ ଅଦାଲତଙ୍କ ରାୟରେ ଦୁଇଟି ପ୍ରସଙ୍ଗର ସୁଦୂର ପ୍ରସାରୀ ଦିଗ ରହିଛି । ପ୍ରଥମଟି ହେଲା– ପ୍ରଧାନମନ୍ତ୍ରୀ, ଲୋକସଭାର ବିରୋଧୀ ଦଳ ନେତା ଓ ପ୍ରଧାନ ବିଚାରପତିଙ୍କୁ ନେଇ ଗଠିତ କମିଟି ଦ୍ୱାରା ନିର୍ବାଚନ କମିଶନ ସଦସ୍ୟ ମନୋନୀତ ହେବେ । ଏହାଫଳରେ ନିର୍ବାଚନ କମିଶନ ସରକାରୀ ଦଳର ହାତବାରିସି ନହୋଇ ସ୍ୱାଧୀନ ଭାବେ କାର୍ଯ୍ୟ କରିବାକୁ କେତେକାଂଶରେ ସମର୍ଥ ହୋଇପାରିବେ ବୋଲି ଆଶା କରାଯାଏ । ପାର୍ଲାମେଂଟରେ ସୁଚିନ୍ତିତ ଆଇନ ପ୍ରଣୟନ ନହେବା ପର୍ଯ୍ୟନ୍ତ ସୁପ୍ରିମକୋର୍ଟଙ୍କ ଏହି ନିଯୁକ୍ତି ନିର୍ଦ୍ଦେଶାବଳୀ ବଳବତର ରହିବ । ଦ୍ୱିତୀୟଟି ହେଲା– ପରୋକ୍ଷ ଭାବେ ବିରୋଧୀ ଦଳଗୁଡ଼ିକ ମଧ୍ୟରୁ ଲୋକସଭାର ଏକକ ସଂଖ୍ୟାଗରିଷ୍ଠ ଦଳର ନେତାଙ୍କୁ ବିରୋଧୀ ଦଳ ନେତା ଭାବେ ମାନ୍ୟତା ଏହି ରାୟରେ ପ୍ରଦାନ କରାଯାଇଛି । ଚଳିତ ଲୋକସଭାରେ ଆନୁଷ୍ଠାନିକ ଭାବେ ବିରୋଧୀ ଦଳ ନେତା ପଦ ଖାଲି ରହିଛି । ନିୟମାନୁଯାୟୀ ଲୋକସଭାରେ ବିରୋଧୀ ଦଳ ନେତାର ମାନ୍ୟତା ପାଇବା ନିମନ୍ତେ ମୋଟ୍ ଆସନ ସଂଖ୍ୟାର ୧୦% ଅଥବା ୫୫ଟି ଲୋକସଭା ଆସନରେ ଏକ ଦଳ ବିଜୟୀ ହୋଇଥିବା ଆବଶ୍ୟକ । ଚଳିତ ଲୋକସଭାରେ କଂଗ୍ରେସ ଦଳର ଆସନ ସଂଖ୍ୟା ୫୨ । ଗଣତନ୍ତ୍ରରେ ବିରୋଧୀ ଦଳ ନେତାଙ୍କ ମର୍ଯ୍ୟାଦା ପ୍ରାୟତଃ ପ୍ରଧାନମନ୍ତ୍ରୀଙ୍କ ସହ ସମାନ । ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ଓ କାର୍ଯ୍ୟଧାରାରେ ବିରୋଧୀ ଦଳ ନେତା ଅଂଶୀଦାର ହୋଇଥାନ୍ତି । ଏଣୁ ଲୋକସଭାରେ ସଂପ୍ରତି ଆନୁଷ୍ଠାନିକ ବିରୋଧୀ ଦଳ ନେତା ନଥିବାରୁ ସଂସଦୀୟ ବ୍ୟବସ୍ଥାରେ ଏକ ଶୂନ୍ୟତା ସୃଷ୍ଟି ହେଉଥିବା ମନେହୁଏ । ତେବେ ସୁପ୍ରିମକୋର୍ଟଙ୍କ ରାୟ ଏହି ଶୂନ୍ୟତାକୁ ପରିପୂରଣ କରିବାରେ ସମର୍ଥ ହୋଇଛି । ଏହାଦ୍ୱାରା ପରୋକ୍ଷ ଭାବେ ନହେଲେ ମଧ୍ୟ ପ୍ରତ୍ୟକ୍ଷ ଭାବେ ଏକକ ସଂଖ୍ୟାଗରିଷ୍ଠ ଦଳର ନେତାଙ୍କୁ ବିରୋଧୀ ଦଳ ନେତା ଭାବେ ମାନ୍ୟତା ପ୍ରଦାନ କରାଯାଇପାରିବ । ବ୍ରିଟେନରେ ବିରୋଧୀ ଦଳ ନେତାଙ୍କୁ ଛାୟା ପ୍ରଧାନମନ୍ତ୍ରୀ ବୋଲି କୁହାଯାଇଥାଏ । ଭାରତୀୟ ନ୍ୟାୟପାଳିକାର ଏହି ପଦକ୍ଷେପକୁ କେହି କେହି ନ୍ୟାୟିକ ସୀମାତିକ୍ରମଣ ବୋଲି କହିପାରନ୍ତି । କିନ୍ତୁ ସମ୍ବିଧାନର ଧାରା–୧୪୨ରେ ଭାରତୀୟ ନ୍ୟାୟିକ ବ୍ୟବସ୍ଥାକୁ ବ୍ୟାପକ କ୍ଷମତା ପ୍ରଦାନ କରାଯାଇଛି । କେବଳ ଠିକ୍ ଭୁଲ୍ ବିଚାର କରି ନ୍ୟାୟ ପ୍ରଦାନ ବ୍ୟତିରେକେ ସମ୍ବିଧାନକୁ ସୁରକ୍ଷିତ ରଖିବା, ଗଣତନ୍ତ୍ରକୁ ଅଧିକ ଋଦ୍ଧିମନ୍ତ କରିବାରେ ଭାରତୀୟ ଶୀର୍ଷ ଅଦାଲତ ବିଭିନ୍ନ ସମୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି । ନ୍ୟାୟିକ ବ୍ୟବସ୍ଥାକୁ ବିସ୍ତାରିତ କରିଆସିଛି । ଆଇନର ଦିଗକୁ ପ୍ରସାରିତ କରିଛି । ବିରୋଧୀ ଦଳର ସ୍ୱର ଉପେକ୍ଷା ହେଉଥିବା ସମୟରେ ନ୍ୟାୟପାଳିକାର ହସ୍ତକ୍ଷେପ ଗଣତନ୍ତ୍ର ପାଇଁ ଆବଶ୍ୟକ ମନେହୁଏ । ଚଳିତ ଲୋକସଭାରେ ଉପ-ବାଚସ୍ପତି ପଦବି ମଧ୍ୟ ମୂଳରୁ ଖାଲି ପଡ଼ିଛି । ଜଣାଯାଏ, ୧୯୫୬ ମସିହାରେ ଜବାହରଲାଲ ନେହରୁ ଉପବାଚସ୍ପତି ପଦବି ପାଇଁ ବିରୋଧୀ ଦଳ ଏମପି ସର୍ଦ୍ଦାର ହୁକୁମ ସିଂହଙ୍କ ନାମ ପ୍ରସ୍ତାବ ଦେଇଥିଲେ ଓ ସେ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିଲେ । କିନ୍ତୁ ଏବେ ଉପବାଚସ୍ପତି ପଦବି ଶୂନ୍ୟ ରଖାଯିବା ଭାରତର ସଂସଦ ପ୍ରତି ଅସୁନ୍ଦର ମନେ ହେଉଛି ଏ କ୍ଷେତ୍ରରେ ଅଦାଲତ ହସ୍ତକ୍ଷେପ ଆବଶ୍ୟକ । ଏହାକୁ ନ୍ୟାୟିକ କ୍ଷମତାର ଦୁରୁପଯୋଗ କୁହାଯାଇପାରିବ ନାହିଁ । ସେହିପରି ସିବିଆଇ ନିର୍ଦ୍ଦେଶକ, ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ, ଏସ୍ ?ପି ପଦବିକୁ ରାଜନୈତିକ ପ୍ରଭାବରୁ ଦୂରେଇ ରଖିବା ନିମନ୍ତେ ଏମାନଙ୍କ କାର୍ଯ୍ୟକାଳ ୨ବର୍ଷ ନିଶ୍ଚିତ କରିବାକୁ ଅଦାଲତ ପଦକ୍ଷେପ ନେଇଛନ୍ତି । ଏଥିସହ ମାତ୍ର ୬ ମାସରୁ କମ୍ ? ଚାକିରି ସମୟ ଥିବା କୌଣସି ଅଫିସର ଏହି ପଦବି ପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ ନାହିଁ । ଏହାଦ୍ୱାରା ରାଜନୈତିକ ଆକ୍ରୋଶ ରଖି ଅଧିକାରୀମାନଙ୍କୁ ମନମୁଖୀ ଭାବେ ବଦଳି କରାଯାଇପାରିବ ନାହିଁ । ସିବିଆଇ ନିର୍ଦ୍ଦେଶକ ମନୋନୟନ ପ୍ରଧାନମନ୍ତ୍ରୀ, ବିରୋଧୀ ଦଳ ନେତା ଓ ପ୍ରଧାନ ବିଚାରପତିଙ୍କ ଦ୍ୱାରା ଗଠିତ କମିଟି ଦ୍ୱାରା ହୋଇଆସୁଛି । ଯେଉଁ ସମୟରେ ସଂସଦୀୟ ଆଇନ ଜନସାଧାରଣଙ୍କ କଲ୍ୟାଣ ସାଧନରେ ବିଫଳ ହୁଏ ବା ଆଶା ଆକାଂକ୍ଷା ପୂରଣ କରିବାରେ ସମର୍ଥ ହୁଏନାହିଁ, ସେହି ସମୟରେ ନ୍ୟାୟିକ ଆଇନର ଆବଶ୍ୟକତା ଉପୁଜିଥାଏ ।

୨୦୨୦ ମସିହାରେ ସରକାର ପ୍ରବର୍ତ୍ତନ ନିର୍ଦ୍ଦେଶକ ଏସ. କେ. ମିଶ୍ରଙ୍କ କାର୍ଯ୍ୟକାଳ ୧ବର୍ଷ ପାଇଁ ବୃଦ୍ଧି କଲେ । ଏହା ବିରୋଧରେ ସୁପ୍ରିମକୋର୍ଟରେ ଏକ ଆବେଦନ ଦାୟର ହେଲା । ଅଦାଲତ ଏହି ପ୍ରଥମ କାର୍ଯ୍ୟକାଳ ବୃଦ୍ଧିକୁ କାଏମ ରଖିଥିଲେ ମଧ୍ୟ ପରବର୍ତ୍ତୀ ବୃଦ୍ଧି ଉପରେ ରୋକ୍ ଲଗାଇଲେ । କିନ୍ତୁ ଏହାପରେ ସରକାର ୨୦୨୧ ମସିହାରେ ଏକ ଅଧ୍ୟାଦେଶ ଆଣି କାର୍ଯ୍ୟକାଳ ତିନି ପର୍ଯ୍ୟାୟରେ ତିନି ବର୍ଷ ପର୍ଯ୍ୟନ୍ତ ବୃଦ୍ଧି ପାଇଁ ବ୍ୟବସ୍ଥା କଲେ । ଏସ. କେ. ମିଶ୍ରଙ୍କ କ୍ଷେତ୍ରରେ ଅଦାଲତ ଯେଉଁ ସଂକେତ ଦେଲେ ତାହା ସରକାର ବୁଝିଯିବା ଉଚିତ୍ । କିନ୍ତୁ ଅବୁଝା ହୋଇ ନିଜକୁ ସୁହାଇଲା ଭଳି ବ୍ୟକ୍ତିଙ୍କୁ ପୁରସ୍କୃତ କରିବା ଉଦ୍ଦେଶ୍ୟରେ ଅଧ୍ୟାଦେଶ ଜାରି କରାଗଲା । ସେହିପରି ଭାରତୀୟ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣରଙ୍କ କାର୍ଯ୍ୟକାଳ ତିନି ବର୍ଷ ବୃଦ୍ଧି କରାଯାଇଛି । ସାଧାରଣତଃ ଆରବିଆଇ ଗଭର୍ଣ୍ଣରଙ୍କ କାର୍ଯ୍ୟକାଳ ଦୁଇ ବର୍ଷ ବୃଦ୍ଧି କରାଯାଉଥିବା ବେଳେ ବର୍ତ୍ତମାନର ଗଭର୍ଣ୍ଣରଙ୍କ କ୍ଷେତ୍ରରେ ଏହି ଧାରାର ବ୍ୟତିକ୍ରମ କରାଯାଇଛି । ସରକାରଙ୍କ ଏହି ପଦକ୍ଷେପଗୁଡ଼ିକ ମଧ୍ୟ ନ୍ୟାୟିକ ତର୍ଜମା ପରିସରଭୁକ୍ତ । ଅତୀତରେ ଅଦାଲତର ଅନେକ ପଦକ୍ଷେପ ଜନସାଧାରଣଙ୍କ ପାଇଁ ସୁଫଳ ଆଣିଦେଇଛି । ଏଥିମଧ୍ୟରୁ ଜନସ୍ୱାର୍ଥ ସମ୍ବଳିତ ମାମଲା ଅନ୍ୟତମ । ବିଚାରପତି ଭି. ଆର. କ୍ରିଷ୍ଣାଆୟାର ଓ ବିଚାରପତି ପି. ଏନ. ଭଗବତୀ ୧୯୮୦ ଦଶକରେ ଏହି ଜନସ୍ୱାର୍ଥ ମାମଲାର ପରିକଳ୍ପନା କରି ଏହାର କ୍ଷେତ୍ର ସଂପ୍ରସାରିତ କରିଥିଲେ । ସେହି ସମୟରୁ ଏହି ବ୍ୟବସ୍ଥା ଦ୍ୱାରା ସମାଜରେ ଅନଗ୍ରସର, ଦୁର୍ବଳ ଜନସାଧାରଣ ଉପକୃତ ହୋଇପାରିଛନ୍ତି । ସେମାନଙ୍କ ଅଧିକାର ସୁରକ୍ଷିତ ରହିପାରିଛି । ୧୯୭୮ ମସିହାରେ ମାନେକା ଗାନ୍ଧୀଙ୍କ ପାସପୋର୍ଟ ଜବତ୍ ଘଟଣା, ମାନେକା ଗାନ୍ଧୀ ବନାମ କେନ୍ଦ୍ର ସରକାର ମାମଲା ଭାବେ ପରିଚିତ । ଏହି ମାମଲାରେ ସମ୍ବିଧାନର ଧାରା– ୨୧, ୧୪ ଓ ୧୯ ଏକତ୍ର ତର୍ଜମା କରାଯିବା ଫଳରେ ବ୍ୟକ୍ତି ସ୍ୱାଧୀନତା ଓ ନାଗରିକର ମୌଳିକ ଅଧିକାର ସଂକ୍ରାନ୍ତ ଧାରା–୨୧ର ଦିଗ୍‌ବଳୟ ଅଧିକ ପ୍ରସାରିତ ହୋଇପାରିଥିଲା । ସାତ ଜଣିଆ ଖଣ୍ଡପୀଠର ଏହା ଥିଲା ଏକ ଐତିହାସିକ ରାୟ । ନ୍ୟାୟପାଳିକା ଆଇନର ନୂଆ ଦିଗ ଚିହ୍ନଟ କରିଥାନ୍ତି । ଏହାକୁ ବିସ୍ତାରିତ ଭାବେ ବ୍ୟାଖ୍ୟା କରିଥାନ୍ତି । କର୍ମସ୍ଥଳରେ ମହିଳା ନିର୍ଯାତନା ନିରାକରଣ ସଂକ୍ରାନ୍ତ ନିର୍ଦ୍ଦେଶାବଳୀ ସୁପ୍ରିମକୋର୍ଟ ଦ୍ୱାରା ପ୍ରଣୟନ କରାଯାଇଛି ।



## ମନ୍ଦିର ମାଳିନୀ : ଭାଗ-୨

### ବାବା ଲକ୍ଷେଶ୍ୱର ମନ୍ଦିର

୧୩ଶହ ଶତାବ୍ଦୀ ର ଏହି ପୁରାତନ ମନ୍ଦିର ଟି ଲିଙ୍ଗରାଜ ମନ୍ଦିରର ପୂର୍ବ ଦିଗ, ପୁରୁଣା ଲିଙ୍ଗରାଜ ମାର୍କେଟର ପଛ ପଟରେ ଓ ଗଙ୍ଗା ଯମୁନା ରାସ୍ତାର ଡାହାଣ ପାର୍ଶ୍ୱରେ ଅବସ୍ଥିତ । ମନ୍ଦିରଟିର ଚମତ୍କାର କାରୁକାର୍ଯ୍ୟ ଦେଖିଲେ ଓ ସେଠାରେ ଘଡ଼ିଏ ବସିଲେ ସତରେ ମନ ଖୁସି ହୋଇଯିବ । ଏଠାରେ ବାବା ଲକ୍ଷେଶ୍ୱର ମହାଦେବ ଏକ ବୃତ୍ତାକାର ଯୋନିରେ ଅବସ୍ଥିତ ।

ଜ୍ଞାନ ରଞ୍ଜନ ମିଶ୍ର

# ସଂକଳ୍ପପତ୍ର ଆମ ପାଇଁ ଧର୍ମଗ୍ରନ୍ଥ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ସଂକଳ୍ପପତ୍ର ଆମ ପାଇଁ ଧର୍ମଗ୍ରନ୍ଥ । ଲୋକଙ୍କ ମତ ଓ ହିତକୁ ନେଇ ସରକାର ସବୁ ବେଳେ ଚାଲିବା କଥା । ରାଜ୍ୟରେ ମୋହନ ସରକାରକୁ ଆଜି ୧୦୦ ଦିନ ପୂରିବା ଅବସରରେ ପୁରୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏଭଳି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଲୋକ ବିରୋଧୀ କାର୍ଯ୍ୟ ଯୋଗୁଁ ୨୪ ବର୍ଷର ସରକାର ପତନ ଘଟିଲା । ପୂର୍ବ ସରକାର ମହାପ୍ରଭୁଙ୍କୁ ମଧ୍ୟ ଭୋଟ ରାଜନୀତିରେ ବ୍ୟବହାର କଲେ । ହେଲେ ଆମ ସରକାରର ସଂକଳ୍ପ ପତ୍ର ହେଉଛି ଧର୍ମଗ୍ରନ୍ଥ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ । ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ସଂକଳ୍ପ ପତ୍ରରେ ଲୋକଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ପୂରା କରିଛୁ, କରିବୁ ମଧ୍ୟ । ସରକାରର ପ୍ରଥମ ଦିନରେ ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ଚାରି ଦ୍ୱାର ଖୋଲିବା ସହ ରତ୍ନଭଣ୍ଡାର ଖୋଲି ଗଣତି ମଣତି ପାଇଁ ପ୍ରକ୍ରିୟା ଆରମ୍ଭ କଲୁ । ପୂର୍ବ ସରକାର ଅଭିଯୋଗ ଶୁଣୁନଥିଲେ, ବରଂ ତାଙ୍କ ଇଚ୍ଛାରେ କାର୍ଯ୍ୟ କରୁଥିଲେ ।



ଭୁବନେଶ୍ୱରରେ ଅଭିଯୋଗ ଶୁଣୁଛି, ହେଲେ ଆଗାମୀ ଦିନରେ ସବୁ ଜିଲ୍ଲାରେ ଅଭିଯୋଗ ପ୍ରକୋଷ୍ଠ କରି ଶୁଣାଣି ହେବ । ସେହିପରି ଶହେ ଦିନ ପୂର୍ତ୍ତିରେ ପୂର୍ବ ସରକାରକୁ ଟାର୍ଗେଟ କରିଛନ୍ତି ମୁଖ୍ୟମନ୍ତ୍ରୀ । ସେ କହିଛନ୍ତି, ପୂର୍ବ ସରକାର ଦୁର୍ନୀତି ଅଭିଯୋଗରେ କେବଳ କିରାଣିଙ୍କୁ ଦଣ୍ଡ ଦେଉଥିଲେ । ଆମ ସରକାର ଲାଞ୍ଚ ଓ ଦୁର୍ନୀତି ମାମଲାରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ୫୮ ଜଣ ଦୁର୍ନୀତିଖୋର ଅଫିସରଙ୍କୁ ଗିରଫ କରାଯାଇଛି । ଆଜି ଶହେ ଦିନ ପୂର୍ତ୍ତି ଉତ୍ସବ କାର୍ଯ୍ୟକ୍ରମକୁ ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । କାର୍ଯ୍ୟକ୍ରମରେ ରାଜ୍ୟ କ୍ୟାବିନେଟ, କେନ୍ଦ୍ରମନ୍ତ୍ରୀ, ବିଧାୟକ ଏବଂ ସାଂସଦ ସାମିଲ ଥିଲେ । ତେବେ ଅଭିଯୋଗ ନେଇ ବିରୋଧୀ ବିଜେଡିର ପ୍ରତିକ୍ରିୟା ମିଳିପାରିନି ।

# ୨୦୨୬ ସୁଦ୍ଧା ଶେଷ ହେବ ନକ୍ସଲବାଦ : ଅମିତ ଶାହା

ନୂଆଦିଲ୍ଲୀ : ମାର୍ଚ୍ଚ ୨୦୨୬ ସୁଦ୍ଧା ସମଗ୍ର ଦେଶରେ ନକ୍ସଲବାଦର ବିଲୋପ ଘଟିବ । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏହି ଦୃଢୋକ୍ତି ପ୍ରକାଶ କରିଛନ୍ତି । ଏଥିସହ ସେ ମାଓବାଦୀମାନଙ୍କୁ ହିଂସା ଓ ଅସ୍ତ୍ରଶସ୍ତ୍ର ତ୍ୟାଗ କରି ଆତ୍ମସମର୍ପଣ କରିବାକୁ ନିବେଦନ କରିଛନ୍ତି । ନକ୍ସଲ ହିଂସାର ପ୍ରଭାବିତ ହୋଇଥିବା ୫୫ ଜଣ ପୀଡିତଙ୍କୁ ସମ୍ବୋଧିତ କରିବା ସମୟରେ ଶାହ କହିଛନ୍ତି, 'ଆମେ ଦେଶରୁ ନକ୍ସଲବାଦକୁ ଉଚ୍ଛେଦ କରି ଶାନ୍ତି ପ୍ରତିଷ୍ଠା କରିବୁ... ନରେନ୍ଦ୍ର ମୋଦି ସରକାର ସମଗ୍ର ଦେଶରୁ ନକ୍ସଲବାଦକୁ ସମାପ୍ତ କରିବାରେ ସଫଳ ହୋଇଛନ୍ତି । ବର୍ତ୍ତରର ୪ଟି ଜିଲ୍ଲା ବ୍ୟତୀତ ୨୦୨୬ ମାର୍ଚ୍ଚ ଶେଷ ସୁଦ୍ଧା ଦେଶରୁ ନକ୍ସଲବାଦକୁ ଅନ୍ତିମ ବିଦାୟ ଦେବାକୁ ସ୍ଥିର କରାଯାଇଛି । ସେ ଆହୁରି କହିଛନ୍ତି, 'ମାଓବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାରେ ସୁରକ୍ଷା ବାହିନୀ ବହୁ ସଫଳତା ହାସଲ କରିଛି । ମାଓବାଦୀମାନେ ଏକଦା ପାଶୁପତିନାଥ (ନେପାଳ)ରୁ ତିରୁପତି (ଆନ୍ଧ୍ରପ୍ରଦେଶ) ପର୍ଯ୍ୟନ୍ତ ଏକ କରିଡର ପ୍ରତିଷ୍ଠା କରିବାକୁ ଯୋଜନା କରିଥିଲେ । କିନ୍ତୁ ସେମାନଙ୍କୁ ସଫଳ ହେବାକୁ ଦିଆଯାଇ



ନଥିଲା । ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଦ୍ୱାରା ଏହାକୁ ପଣ୍ଡ କରାଯାଇଥିଲା ।' ଏଥିସହ ନକ୍ସ ହିଂସାରେ ପ୍ରଭାବିତ ଲୋକଙ୍କ ପାଇଁ ସରକାର କଲ୍ୟାଣକାରୀ ଯୋଜନା ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି । ସ୍ୱାରାଷ୍ଟ୍ର ମନ୍ତ୍ରୀ ଶାହ କହିଛନ୍ତି, କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଖୁବ ଶୀଘ୍ର ଛତିଶଗଡରେ ନକ୍ସଲ ହିଂସା ପ୍ରଭାବିତ ଲୋକଙ୍କ ପାଇଁ ଏକ କଲ୍ୟାଣକାରୀ ଯୋଜନା ପ୍ରସ୍ତୁତ କରିବ । ଏଥିପାଇଁ ରାଜ୍ୟ ସରକାରଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ ଚାଲିଛି । ଚାକିରି, ସ୍ୱାସ୍ଥ୍ୟସେବା ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଆମର କଲ୍ୟାଣମୂଳକ ପଦକ୍ଷେପ ମାଧ୍ୟମରେ ଆମେ ଯେକୌଣସି ଉପାୟରେ ଆପଣ (ନକ୍ସଲ ହିଂସା ପ୍ରଭାବିତ)ଙ୍କୁ ସାହାଯ୍ୟ କରିବୁ ବୋଲି ଶାହ କହିଛନ୍ତି ।

# ରାଜ୍ୟର ସମସ୍ତ ଜିଲ୍ଲାରେ ହେବ ମେଡିକାଲ କଲେଜ

ଭୁବନେଶ୍ୱର : ରାଜ୍ୟର ସମସ୍ତ ଜିଲ୍ଲାରେ ହେବ ମେଡିକାଲ କଲେଜ । ଖୁବ୍ ଶୀଘ୍ର ଏଥିନିମନ୍ତେ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ ହୋଇ କାମ ଆରମ୍ଭ ହେବ । ରାଜ୍ୟରେ ମୋହନ ସରକାରକୁ ଆଜି ୧୦୦ ଦିନ ପୂରୁଥିବା ବେଳେ ଏପରି ଘୋଷଣା କରିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ । ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି, ଏବେ ରାଜ୍ୟରେ ୧୧ଟି ମେଡିକାଲ କଲେଜ କାର୍ଯ୍ୟକ୍ଷମ ଅଛି । ତାଳଚେର ଓ କନ୍ଧମାଳରେ ଆଉ ଦୁଇଟି ମେଡିକାଲ କଲେଜ ନିର୍ମାଣ ପାଇପ ଲାଇନରେ ରହିଛି । ତାହା ମଧ୍ୟ ଖୁବଶୀଘ୍ର ଆରମ୍ଭ ହେବ । ଏହାବାଦ ଅନ୍ୟ ସବୁ ଜିଲ୍ଲାରେ ବି ଛିଡ଼ା ହେବ ମେଡିକାଲ କଲେଜ । ସ୍ୱାସ୍ଥ୍ୟ ବିଭାଗ ଏ ସମ୍ପର୍କୀତ ସମସ୍ତ ବ୍ୟବସ୍ଥାର ତଦାରଖ କରୁଛି । ମେଡିକାଲ କଲେଜ ନିର୍ମାଣ ସହ ଅଧ୍ୟାପକ ନିଯୁକ୍ତି ଉପରେ ବି ଗୁରୁତ୍ୱାରୋପ କରାଯାଉଛି । ଆମ ରାଜ୍ୟବାସୀ ଯେପରି ଉନ୍ନତମାନର ସ୍ୱାସ୍ଥ୍ୟସେବା ପାଇପାରିବେ ସେଥିପ୍ରତି ସରକାର ଯତ୍ନବାନ ଓ ସଚେତନ ଅଛନ୍ତି । ଏଥିସହ ଏଦିଗରେ କାମ ଆରମ୍ଭ ମଧ୍ୟ ହୋଇଯାଇଛି ବୋଲି କହିଛନ୍ତି ମନ୍ତ୍ରୀ । ଏଥିସହ ସେ କହିଛନ୍ତି, ୨୦୧୪ରେ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ



ହେବା ପରେ ଭାରତ ବର୍ଷରେ ସବୁ ଜିଲ୍ଲାରେ ମେଡିକାଲ କଲେଜ ହେବ ବୋଲି କହିଥିଲେ । ଏହା ପରଠୁ ଓଡ଼ିଶାରେ ଏବ ୧୧ଟି ମେଡିକାଲ କଲେଜ କାର୍ଯ୍ୟକ୍ଷମ ଅଛି । କେନ୍ଦ୍ର ଓ ରାଜ୍ୟର ସହଭାଗିତାରେ ଏହି କାମ ଚାଲୁଛି । ଆଗକୁ ଏହାକୁ ତ୍ୱରାନ୍ୱିତ କରାଯାଇ ସବୁ ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ ବୋଲି ସେ କହିଛନ୍ତି । ମେଡିକାଲ କଲେଜରେ ଅଧ୍ୟାପକ ନିଯୁକ୍ତି ନେଇ ଓଡ଼ିଶା ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରତିକ୍ରିୟା ରଖି କହିଛନ୍ତି, ଅବସରପ୍ରାପ୍ତ ଅଭିଜ୍ଞ ଡାକ୍ତରମାନଙ୍କୁ ବିଭିନ୍ନ ମେଡିକାଲ କଲେଜରେ ପାଠ ପଢ଼ାଇବା ନିମନ୍ତେ ନିଯୋଜିତ କରାଯିବାକୁ ଯୋଜନା କରାଯାଉଛି । ଏନେଇ ବିଭାଗୀୟ ମନ୍ତ୍ରୀ ଓ ଅଧିକାରୀଙ୍କ ସହ ଆଲୋଚନା ପରେ ନିଷ୍ପତ୍ତି ନିଆଯିବ ।

# ସମବାୟ ବ୍ୟାଙ୍କରେ ଖାଲି ପଡ଼ିଥିବା ପଦବି ପୂରଣ ହେବ: ମନ୍ତ୍ରୀ

ଭୁବନେଶ୍ୱର, : ସମବାୟ ବିଭାଗ ସମ୍ମିଳନୀ କକ୍ଷରେ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ମାନ୍ୟବର ମନ୍ତ୍ରୀ ପ୍ରଦିପ ବଳ ସାମନ୍ତଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରାଜ୍ୟ ସମବାୟ ବ୍ୟାଙ୍କର ବିଭିନ୍ନ କାର୍ଯ୍ୟାବଳୀର ସମୀକ୍ଷା କରି ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଥିଲେ, ସମୟ ସହ ତାଳ ଦେଇ ଚାଲିବାକୁ ହେଲେ ବ୍ୟବସାୟିକ ବ୍ୟାଙ୍କରେ ଉପଲବ୍ଧ ଥିବା ସମସ୍ତ ପ୍ରକାର ଗ୍ରାହକ ସେବା ଆମକୁ ଯୋଗାଇ ଦେବାକୁ ହେବ । ମୋବାଇଲ୍ ବ୍ୟାଙ୍କିଂ, ଇଂଟରନେଟ୍ ବ୍ୟାଙ୍କିଂ, ୟୁପିଆଇ ପେମେଂଟ୍ ଆଦି ସେବା ଯୋଗାଇଦେବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ କହିଥିଲେ । ମୟ ସହ ତାଳ ଦେଇ ଚାଲିବାକୁ ହେଲେ ବ୍ୟବସାୟିକ ବ୍ୟାଙ୍କରେ ଉପଲବ୍ଧ ଥିବା ସମସ୍ତ ପ୍ରକାର ଗ୍ରାହକ ସେବା ଆମକୁ ଯୋଗାଇ ଦେବାକୁ ହେବ । ମୋବାଇଲ୍ ବ୍ୟାଙ୍କିଂ, ଇଂଟରନେଟ୍ ବ୍ୟାଙ୍କିଂ, ୟୁପିଆଇ ପେମେଂଟ୍ ଆଦି ସେବା ଯୋଗାଇଦେବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ । କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଏବଂ ପ୍ରାଥମିକ କୃଷି ସମବାୟ ସମିତି ମଧ୍ୟରେ




ଆର୍ଥିକ ସନ୍ତୁଳନ ରକ୍ଷା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ । ବ୍ୟାଙ୍କର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ପାଇଁ କ୍ରେଡିଟ୍ ଡିପୋଜିଟ୍ ଅନୁପାତରେ ସଂସ୍କାର ଆଣିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅଗ୍ରାଧିକାର ଭିତିରେ ଖାଲିପଡ଼ିଥିବା ପଦବି ପୂରଣ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସମୀକ୍ଷା ବୈଠକରେ ନିଷ୍ପତ୍ତି ହୋଇଥିଲା । ସୂଚନାଯୋଗ୍ୟ, ଚାଷ ଓ ଚାଷୀଙ୍କ ଉନ୍ନତି ଏବଂ ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ ଦିଗରେ ରାଜ୍ୟ ସମବାୟ ବ୍ୟାଙ୍କର ସହଭାଗିତା ଅତ୍ୟନ୍ତ ଜରୁରୀ । ୨୦୨୨-୨୩ ଆର୍ଥିକ ବର୍ଷରେ ୩୪.୫୭ ଲକ୍ଷ ଚାଷୀଙ୍କୁ ଶସ୍ୟ ଋଣ ଦିଆଯାଇଥିବା ବେଳେ ୨୦୨୩-୨୪ ବର୍ଷରେ ୩୬.୩୧ ଚାଷୀଙ୍କୁ ଋଣ ଦିଆଯାଇଛି । ଚଳିତ ୨୦୨୪-୨୫ ଆର୍ଥିକ ବର୍ଷରେ ଖରିଫ ଚାଷ ପାଇଁ ୧୭.୭୫ ଲକ୍ଷ ଚାଷୀଙ୍କୁ ୧୮୬୦୬.୨୮ କୋଟି ଟଙ୍କାର ଶସ୍ୟ ଋଣ ଦିଆସରିଛି ।

# ବିକାଶ ପାଇଁ ଭିତ୍ତିଭୂମି ପଡ଼ିଛି: ଉପମୁଖ୍ୟମନ୍ତ୍ରୀ

## ୧୦୦ ଦିନରେ ବିକାଶ ସମ୍ପୂର୍ଣ୍ଣ ହୋଇନି

ଭୁବନେଶ୍ୱର, : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗ୍ୟାରେଣ୍ଟି ପୂରଣ ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାର ପଦକ୍ଷେପ ନେଇଛନ୍ତି । ପ୍ରତିଶ୍ରୁତି ଅନୁଯାୟୀ ସରକାର ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିଛନ୍ତି , ରତ୍ନଭଣ୍ଡାର ଖୋଲାଯାଇଛି । ସୁଭଦ୍ରା ଯୋଜନା ଆରମ୍ଭ ହୋଇଛି । ଜଗନ୍ନାଥଙ୍କ ଭିତ୍ତି ଭୂମି ବିକାଶ ପାଇଁ ପ୍ରଥମ ଥର ପାଇଁ ୫୦୦ କୋଟି ଟଙ୍କା ବ୍ୟବସ୍ଥା ହୋଇଛି ବୋଲି ବିଜେପି ସରକାରଙ୍କ ୧୦୦ ଦିନ ପୂରଣ ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ପ୍ରଦାନ କରିଛନ୍ତି । ୧୦୦ ଦିନରେ ବିକାଶ ସମ୍ପୂର୍ଣ୍ଣ ହୋଇନି, କିନ୍ତୁ ବିକାଶ ପାଇଁ ଭିତ୍ତିଭୂମି ପଡ଼ିଛି ବୋଲି ସେ କହିଛନ୍ତି । ସେହିପରି ଓଡ଼ିଆ ଅସ୍ମିତା ପାଇଁ ୨୦୦ କୋଟି ଫଣ୍ଡ ଆବଣ୍ଟନ କରାଯାଇଛି । ୧୦୦ ଦିନରେ ଅନେକ କାମ ହୋଇଛି । ମୁଖ୍ୟମନ୍ତ୍ରୀ ଭାବେ ମୋହନ ମାଝୀଙ୍କ ନାମ ଘୋଷଣା ହେବା ପରେ ଲୋକଙ୍କ ସହ ମୁଖ୍ୟମନ୍ତ୍ରୀ, ମିଶି ସେମାନଙ୍କ ଅଭିଯୋଗ ଶୁଣିବା ଆରମ୍ଭ



କରିଥିଲେ । ସରକାର ଲୋକଙ୍କ ସାମ୍ନାକୁ ଆସିଥିଲେ । ଅନେକ ଭରସା ରଖି ଲୋକେ ସରକାର ପରିବର୍ତ୍ତନ କରିଛନ୍ତି । ଲୋକଙ୍କ ସହ ଯୋଡ଼ି ହେବା ପାଇଁ ପ୍ରତିବଦ୍ଧତା ସରକାରଙ୍କ ବଡ ସଫଳତା । ଲୋକଙ୍କ ସରକାର ବୋଲି ଲୋକଙ୍କ ବିଶ୍ୱାସ ଜନ୍ମିଛି । ଦେଇଥିବା କଥା ଗୋଟି ଗୋଟି କରି ପାଳନ କରାଯାଉଛି । ବିଜେପି ସରକାରକୁ ଆସିଲେ ମିଶନ ଶକ୍ତିକୁ ବନ୍ଦ କରାଯିବା ବୋଲି ପୂର୍ବ ସରକାରରେ ଥିବା ଲୋକ କହୁଥିଲେ କିନ୍ତୁ ଏବେ ମିଶନ ଶକ୍ତି ଦୌଡୁଛି । ୧୦୦ ଦିନରେ ବିକାଶ ସମ୍ପୂର୍ଣ୍ଣ ହୋଇନି ସତ କିନ୍ତୁ ବିକାଶ ପାଇଁ ଭିତ୍ତିଭୂମି ପଡ଼ିଛି । ମନ୍ତ୍ରୀ ମଣ୍ଡଳ ସମ୍ପୂର୍ଣ୍ଣ ପ୍ରସ୍ତୁତ ଲୋକଙ୍କ ସେବା ପାଇଁ । ଅନେକ ଯୋଜନା ହୋଇଛି, ଆଗକୁ ବି ହେବ । ଲୋକଙ୍କ ବିଶ୍ୱାସ ଓ ଭରସା ଆବଶ୍ୟକ । ସୁଭଦ୍ରା ଦେବେନି ବୋଲି ଅନେକ ଲୋକ କହିଲେ କିନ୍ତୁ ପ୍ରଧାନମନ୍ତ୍ରୀ ଉପସ୍ଥିତ ରହି ୨୫ ଲକ୍ଷ ୧୧ ହଜାର ମହିଳାଙ୍କୁ ସୁଭଦ୍ରା ଅର୍ଥ ଦେଲେ, ଯେଉଁମାନେ ପ୍ରଥମ କିସ୍ତି ପାଇ ନାହାଁନ୍ତି ସମସ୍ତଙ୍କୁ ମିଳିବ । ୧ କୋଟିରୁ ଅଧିକ ଲୋକଙ୍କୁ ସୁଭଦ୍ରା ସହ ଯୋଡାଯିବ । ମୋଦିଙ୍କ ଗ୍ୟାରେଣ୍ଟି ଗୋଟି ଗୋଟି ପୂରଣ ହେବ । ବିକାଶ ଲୋକଙ୍କ ଘରକୁ ଯିବ, ଗାଁକୁ ପ୍ରଶାସନିକ ଅଧିକାର ଯିବ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ଘର ପାଇଁ କେନ୍ଦ୍ର ସରକାରଙ୍କ ଅଧିକାରୀ ଓ ରାଜ୍ୟ ସରକାରଙ୍କ ଅଧିକାରୀ ଗାଁ କୁ ଯିବେ ମଧ୍ୟସ୍ଥିଙ୍କୁ ବାହାର କରାଯିବ ।

# କୋରାପୁଟ ଜିଲ୍ଲାରେ ଦୂଷିତ ପାଣି ପିଅନ୍ତି ୧୩୯୯ ଗାଁର ଲୋକେ



କୋରାପୁଟ: ଜିଲ୍ଲାର ବହୁ ଅଂଚଳକୁ ପୁଣି ଫେରିଛି ଝାଡ଼ାବାନ୍ତି । ସଦର ବ୍ଲକ, ଦଶମନ୍ତପୁର, ବନ୍ଧୁଗାଁ, ବୈପାରୀଗୁଡା, ଲକ୍ଷ୍ମୀପୁର, ନାରାୟଣପାଟଣା, ବୋରିଗୁମ୍ମାରେ ଏହି ପରିସ୍ଥିତି ଲାଗି ରହିଛି । ଏହାର ମୁଖ୍ୟ କାରଣ ଦୂଷିତ ଜଳ ବୋଲି କୁହାଯାଉଛି । ଜିଲ୍ଲାରେ ରହିଛି ୨୦୪୨ଟି ଛୋଟବଡ଼ ଗାଁ । ସେଥିମଧ୍ୟରୁ କେବଳ ୬୪୩ ଗାଁରେ ବିଶୁଦ୍ଧ ପିଇବା ପାଣି ଉପଲବ୍ଧ । ବାକି ୧୩୯୯ ଗାଁ ଲୋକେ ଦୂଷିତ ପାଣି ପିଉଛନ୍ତି । ବିଶୁଦ୍ଧ ପାଣି ଯୋଗାଣ ହେଉ ନ ଥିବାରୁ ବାଧ୍ୟ ହୋଇ ଏହି ଗାଁର ଲୋକେ ଝରଣା ଓ ନୂଆ ପାଣି ପିଉଛନ୍ତି । ଏଥିଯୋଗୁଁ ଝାଡ଼ାବାନ୍ତି ବ୍ୟାପୁଛି । ପ୍ରଶାସନ ପକ୍ଷରୁ କେବଳ ସ୍ୱାସ୍ଥ୍ୟ କର୍ମଚାରୀ, ଆଶା କର୍ମୀ କିମ୍ବା ଅଙ୍ଗନୱାଡୀ କର୍ମୀଙ୍କୁ ପଠାଇ ଚିକିତ୍ସା କରାଯାଉଛି । ମାତ୍ର ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ସୁବିଧା ଦିଗରେ ଗୁରୁତ୍ୱ ଦିଆଯାଉ ନାହିଁ । ଏଣୁ ପ୍ରଶାସନିକ ପଦକ୍ଷେପ କେବଳ ସଚେତନତାରେ ସୀମିତ ରହିଛି । ଦୂଷିତ ପାଣି ପିଇ ଲୋକେ ରୋଗାକ୍ରାନ୍ତ ହେବା ସହ ମରିଯାଉଛନ୍ତି । ମିଳିଥିବା ସୂଚନା ମୁତାବକ, ଜିଲ୍ଲାର ବୋରିଗୁମ୍ମା ବ୍ଲକର ୬୮ଟି ଗାଁରେ ୨୨୬୫ ନଳକୂଅ ରହିଛି । ୫୭ଟି ପାଇପ୍ ୱାଟର୍ ସପ୍ଲାଏ, ଯାହା ୬୨.୪୪ କିମି ରହିଛି ଏବଂ ୪୧୦୧୫ ଲୋକ ଉପକୃତ ହେଉଛନ୍ତି । ଜୟପୁର ବ୍ଲକର ୬୩ଟି ଗାଁରେ ୧୯୦୫ ନଳକୂଅ, ୫୧ଟି ପାଇପ୍ ୱାଟର ସପ୍ଲାଇ ଯାହା ୫୨.୪୩ କିମି ରହିଛି ଏବଂ ୩୦୯୧୨ ଲୋକ ଉପକୃତ ହେଉଛନ୍ତି । କୋଟପାଡ଼ ବ୍ଲକ୍ର ୩୩ଟି ଗାଁରେ ୧୦୫୭ ନଳକୂଅ, ୨୬.୮୦ କିମି ୨୩ଟି ପାଇପ୍ ୱାଟର ସପ୍ଲାଏ ରହିଛି । ୨୬୩୨୫ ଲୋକ ଉପକୃତ ହେଉଛନ୍ତି । ବୈପାରିଗୁଡ଼ା ବ୍ଲକର ୫୦ଟି ଗାଁରେ ୧୫୩୦ ନଳକୂଅ, ୩୮.୨୮ କିମି ୩୭ଟି ପାଇପ୍ ସପ୍ଲାରୁ ୩୫୨୬୦ ଲୋକ, କୁନ୍ଦ୍ରା ବ୍ଲକ୍ର ୪୯ଟି ଗାଁରେ ୧୦୬୩ ନଳକୂଅ, ୩୪.୧୨ କିମି ୪୪ଟି ପାଇପୂରୁ ୧୮୮୦୯ ଲୋକ, ଲମତାପୁଟ ବ୍ଲକ୍ର ୩୮ଟି ଗାଁରେ ୮୨୦ ନଳକୂଅ, ୩୧.୮୭ କିମି ୩୭ଟି ପାଇପରୁ ୧୭୩୫୯ ଲୋକ । କୋରାପୁଟ ବ୍ଲକ୍ର ୪୫ଟି ଗାଁରେ ୧୦୩୭ ନଳକୂଅ, ୪୩,୩୨ କିମି ୪୮ଟି ପାଇପ୍ ?ରୁ ୧୯୯୯୨ ଲୋକ, ନନ୍ଦପୁର ବ୍ଲକର ୫୧ଟି ଗାଁରେ ୧୨୦୯ ନଳକୂଅ, ୩୩.୩୨ କିମି ୪୯ଟି ପାଇପ୍ ?ରୁ ୨୬୪୬୭ ଲୋକ, ପଟାଙ୍ଗୀ ବ୍ଲକ୍ ?ର ୩୮ଟି ଗାଁରେ ୭୪୭ ନଳକୂଅ, ୫୨.୨୫ କିମି ୫୨ଟି ପାଇପୂରୁ ୧୯୯୭୦ ଲୋକ, ସେମିଳିଗୁଡ଼ା ବ୍ଲକ୍ର ୪୦ଟି ଗାଁରେ ୬୦୫ ନଳକୂଅ, ୩୩.୬୭ କିମି ୪୩ଟି ପାଇପୂରୁ ୨୨୬୭୪ ଲୋକ, ବନ୍ଧୁଗାଁ ବ୍ଲକ୍ର ୩୦ଟି ଗାଁରେ ୬୯୪ ନଳକୂଅ, ୨୪.୮୯ କିମି ୨୮ଟି ପାଇପୂରୁ ୧୭୧୮୦ ଲୋକ ଉପକୃତ ହେଉଛନ୍ତି । ଦଶମନ୍ତପୁର ବ୍ଲକ୍ ?ର ୫୨ଟି ଗାଁରେ ୯୦୬ ନଳକୂଅ, ୪୪.୬୭ କିମି ୫୫ଟି ପାଇପ୍ ସପ୍ଲାଏରୁ ୨୨୪୫୧ ଲୋକ, ଲକ୍ଷ୍ମୀପୁରରେ ୫୨ଟି ଗାଁରେ ୭୬୩ ନଳକୂଅ, ୫୯.୯୪ କିମି ୫୬ଟି ପାଇପରୁ ୧୭୫୦୪ ଲୋକ, ନାରାୟଣପାଟଣା ବ୍ଲକ୍ର ୩୪ଟି ଗାଁରେ ୬୧୪ ନଳକୂଅ, ୩୧ ପାଇପ୍ ସପ୍ଲାଏରୁ ୧୦୦୫୬ ଲୋକ ଉପକୃତ ହେଉଛନ୍ତି ।

ଜିଲ୍ଲାର ୬୪୩ ଗାଁରେ ୧୫୨୧୫ ନଳକୂଅ କାର୍ଯ୍ୟକ୍ଷମ ହେଉଥିବା କୁହାଯାଉଛି । ଏକାଧିକ ଅଚଳ ହୋଇପଡ଼ିଛି । ଜିଲ୍ଲାର ମୋଟ ୩ ଲକ୍ଷ ୨୨ ହଜାର ୯୭୪ ଲୋକଙ୍କୁ ଛାଡ଼ିଦେଲେ ଅନ୍ୟମାନେ ବିଶୁଦ୍ଧ ପାଣି ପାଇଁ ହଇରାଣ ହେଉଛନ୍ତି । ଗତ ୬ବର୍ଷ ହେବ ମେଗା ଜଳ ଯୋଗାଣ ପ୍ରକଳ୍ପ ଆରମ୍ଭ ହେବା ପର ଠାରୁ ଆଉ ନୂଆ ନଳକୂଅ ଖନନ୍ ପାଇଁ ତତ୍କାଳୀନ ରାଜ୍ୟ ସରକାର ଅନୁମତି ଦେଇ ନଥିଲେ । ବଣପାହାଡ଼ ଘେରା ଆଦିବାସୀ ଅଧୁଷିତ ଅଞ୍ଚଳର ଲୋକେ କେବେ ବିଶୁଦ୍ଧ ପାନୀୟ ଜଳ ପାଇବେ ସେହିଦିନକୁ କେବଳ ଅପେକ୍ଷା । ଡବଲଇଂଜିନର ସରକାର ଏ ଦିଗରେ କଣ ପଦକ୍ଷେପ ନେବେ ତାହା ଦେଖିବାକୁ ବାକି ରୁହିଲା ।

# ଅବହେଳିତ ଅବସ୍ଥାରେ ବ୍ରହ୍ମଗିରି ଡାକ ବଙ୍ଗଳା

ବ୍ରହ୍ମଗିରି, : ବ୍ରହ୍ମଗିରିରେ ଥିବା ଡାକବଙ୍ଗଳା ଏବେ ଅବହେଳିତ ଅବସ୍ଥାରେ । ଭିଆଇପି ଓ ଭିଭିଆଇପି ମାନଙ୍କର ଗ୍ରସ୍ତ ସମୟରେ କିଛି ସମୟ ଥକ୍କା ମାରିବା ସହ ଆବଶ୍ୟକ ସ୍ଥଳେ ରାତ୍ରି ଯାପନ ପାଇଁ କାହିଁ କେଉଁ ଇଂରେଜ ଶାସନ କାଳରୁ ବ୍ରହ୍ମଗିରିରେ



ଜଳସେଚନ ବିଭାଗ ଦ୍ୱାରା ନିର୍ମାଣ ହୋଇଥିଲା ଡାକ ବଙ୍ଗଳା । ଯାହାକି ଅବହେଳିତ ଅଭସ୍ଥାରେ ଥିବା ବ୍ରହ୍ମଗିରି ଡାକବଙ୍ଗଳା ଓଡିଶାରେ ଅନ୍ୟତମ । ରାଜନେତା, ମନ୍ତ୍ରୀ, ଭିଆଇପିଙ୍କ ଠାରୁ ଆରମ୍ଭ କରି ଅତିଥି ମାନେ ଯେଉଁ ଡାକ ବଙ୍ଗଳାରେ ଥକ୍କା ମାରିବା ସହ ରାତ୍ରି ଜାପନ କରନ୍ତି ତାହା ଆଜି ଅବହେଳିତ ଅବସ୍ଥାରେ ପଡିରହିଛି । ଘର ଭିତରୁ ଛାତ ଅତଡା ଖସୁଥିବା ବେଳେ ଅସେରାଏ ବର୍ଷା ହେଲେ ପାଣି ଗଳୁଛି । ଭଲ ଶୌଚାଳୟଟିଏ ମଧ୍ୟ ନାହିଁ । ଭିଆଇପି ମାନେ ରାତ୍ରିରେ ରହିବା ପାଇଁ ସୁରକ୍ଷିତ ମଣୁନାହାନ୍ତି । ଏ ବିଷୟରେ ବାରମ୍ବାର ଜଳସେଚନ ବିଭାଗ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଗଲେ ମଧ୍ୟ ଆଜି ସୁଦ୍ଧା ବିଭାଗୀୟ ଅଧିକାରୀ ସେଥିପ୍ରତି ଦୃଷ୍ଟି ଦେଉନଥିବା ଜଣାପଡିଛି । ବ୍ରହ୍ମଗିରି ଡାକବଙ୍ଗଳା ପୁନରୁଧାର ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟବରାଦ ହୋଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଏହା କାର୍ଯ୍ୟକାରୀ ହୋଇପାରିନାହିଁ । ସାରା ରାଜ୍ୟରେ ଡାକବଙ୍ଗଳାର ପୁନରୁଧାର ହୋଇ ଅତି ଭିଆପି ମାନେ ଆଶ୍ରୟ ନେବାର ବ୍ୟବସ୍ଥା ରହିଥିବା ବେଳେ ବ୍ରହ୍ମଗିରି ଡାକବଙ୍ଗଳାର ଅଭସ୍ଥା ଦେଖିଲେ ଲୋମ ଟଙ୍କୁରି ହୋଇଯାଏ । ଡାକବଙ୍ଗଳାର ଅବସ୍ଥା ଦେଖି କୌଣସି ଭିଆପି ଏହି ସ୍ଥାନରେ ରହିବା ପାଇଁ ଉଚିତ ମଣୁନାହାନ୍ତି । ବଙ୍ଗଳାରେ ଥିବା ଶୌଚାଳୟର ଅବସ୍ଥା ନକହିଲେ ଭଲ । କିନ୍ତୁ ଡାକବଙ୍ଗଳାର ମରାମତି ପାଇଁ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ଦେଖାଇ ବିଭାଗୀୟ ଅଧିକାରୀ ମାନେ ଏହାକୁ ଚଳୁ କରୁଥିବା ଅଭିଯୋଗ ଉଠିଛି । ଯଦି ଖୁବ ଶିଘ୍ର ଏହି ବଙ୍ଗଳାର ମରାମତି କାର୍ଯ୍ୟ କରାନଯାଏ ତେବେ ଉକ୍ତ ଘରଟି ମାଟିରେ ମିଶିବାର ସମ୍ଭାବନା ରହିଛି ।

# ବିପର୍ଯ୍ୟସ୍ତ ସଡକ ପଥ, ଜାତୀୟ ରାଜପଥ କର୍ତ୍ତୃପକ୍ଷ ନିରବଦ୍ରଷ୍ଟା

ଜଗତସିଂହପୁର : ଜଗତସିଂହପୁର ସହରର ୧୦ନଂ (କଲେଜ ଛକ) ଠାରେ ଜାତୀୟ ରାଜପଥ ୫୫ ଅଧୀନରେ ଥିବା ରାସ୍ତାରେ ଖାଲଖମା ହୋଇ ଦୁର୍ଘଟଣା ଘଟୁଛି । ଏଠାରେ ଏସଭିଏମ କଲେଜର ହଜାର ହଜାର ଛାତ୍ରଛାତ୍ରୀ ଯାତାୟାତ କରୁଥିବା ସମୟରେ ସୋମନାଥ ହାଟକୁ ରାସ୍ତା ସଂଯୋଗ କରୁଛି । କଟକ ଜଗତସିଂହପୁର ମୁଖ୍ୟ ରାସ୍ତାର ୧୦ନଂ ଛକ ଠାରେ ରାସ୍ତାରେ ଖାଲଖମା ଭର୍ତ୍ତି ହୋଇଥିବାରୁ ଗମନାଗମନରେ ସମସ୍ୟା ସୃଷ୍ଟି ହୋଇଛି । ଏଠାରେ ପ୍ରକାଶ ଥାଉକି କନ୍ଦରପୁର ଜଗତସିଂହପୁର ରାସ୍ତା ଆଗରୁ ପୂର୍ତ୍ତ ବିଭାଗର ଅଧୀନରେ ଥିଲା ମାତ୍ର ଜାତୀୟ ରାଜପଥ ୫୫ର ସମ୍ପ୍ରସାରଣ ଯୋଗୁଁ ଏହି ରାସ୍ତାଟି ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଅଧୀନକୁ ଚାଲିଯାଇଛି । ବର୍ତ୍ତମାନ ଜାତୀୟ ରାଜପଥ ୫୫ ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ବହୁ ଭାରିଯାନ ଠିକାଦାରୀ ସଂସ୍ଥା ଦ୍ୱାରା ଚଳପ୍ରଚଳ ହେଉଛି । ଦୈନିକ କଟକ ଜଗତସିଂହପୁରର ଶହ ଶହ ବସ, ବହୁ ଯାତ୍ରୀବାହୀ ଗାଡି ଓ ଭାରିଯାନ ଯାତାୟାତ କରୁଛନ୍ତି । ୧୦ନଂ ଛକ ଠାରେ ସୋମନାଥ



ହାଟକୁ ସଂଯୋଗ କରଣ ମୁଖ୍ୟ ରାସ୍ତା ହୋଇଥିବାରୁ ବହୁ ଭାରିଯାନ ଯାତାୟାତ କରୁଛନ୍ତି । ମାତ୍ର ଜାତୀୟ ରାଜପଥ କର୍ତ୍ତୃପକ୍ଷ ରାସ୍ତାର ଖାଲଖମା ପ୍ରତି ନଜର ଦେଉନାହାନ୍ତି କି ମରାମତି କରୁନାହାନ୍ତି । ୧୦ନଂ ପୋଲ ଠାରେ ପ୍ରାୟ ୨୦୦ ମିଟର ଏରିଆ ଗମନାଗମନ ପାଇଁ ଅନୁପଯୁକ୍ତ ହୋଇପଡିଛି । ଏହି ରାସ୍ତା ଉପରେ ଏସଭିଏମ କଲେଜର ହଜାର ହଜାର ଛାତ୍ରଛାତ୍ରୀ ଯାତାୟାତ କରୁଛନ୍ତି । ବର୍ଷା ଦିନେ ଏହି ଖାଲଖମାରେ ପାଣି ଜମି ରହିବାରୁ ଛୋଟ ଗାଡି, ବାଇକ ଓ ସାଇକେଲ ଦୁର୍ଘଟଣା ଗ୍ରସ୍ତ ହେଉଛନ୍ତି ।

# କାଦୁଅ ପଚପଚରେ ହରିଚନ୍ଦନପୁର ସାପ୍ତାହିକ ହାଟ, କେବଳ ଆରଏମସି କର୍ତ୍ତୃପକ୍ଷ ଟଙ୍କା ଆଦାୟରେ ବ୍ୟସ୍ତ ଏଥିପ୍ରତି ଦୃଷ୍ଟି ପଡ଼ିବ କେବେ ?

ହରିଚନ୍ଦନପୁର, : କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ସାପ୍ତାହିକ ହାଟରେ କାଦୁଅ ସଲବଲରେ ଜନସାଧାରଣ ଘାଣ୍ଟି ହେଉଥିବା ବେଳେ ବାରମ୍ବାର ଅଭିଯୋଗ ସତ୍ୱେ ଆରଏମସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁନାହିଁ । ଏଠାରେ ପ୍ରଶ୍ନ ଯେ ହରିଚନ୍ଦନପୁର ଗ୍ରାମ ପଞ୍ଚାୟତ ଠାରୁ ୯୯ ବର୍ଷ ପାଇଁ ଆରଏମସି ଦୀର୍ଘ ବର୍ଷ ହେବ ନେଇଛି । ଯାହାକି ବାର୍ଷିକ କିଛି ଟଙ୍କା ଗ୍ରାମ ପଞ୍ଚାୟତକୁ ଦେବା ସହ ହାଟ ମଧ୍ୟରେ ଉନ୍ନତିମୂଳକ କାର୍ଯ୍ୟ ଓ ରକ୍ଷଣାବେକ୍ଷଣ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇ ଚୂକ୍ତିନାମା ହୋଇଛି । ଆରଏମସି କତୃପକ୍ଷ ପ୍ରତ୍ୟେକ ଦିନ ହାଟରେ ରସିଦ ଦେଇ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରି ମାଲେମାଲ ହେଉଥିବା ବେଳେ ହନ୍ତସନ୍ତ ହେଉଛନ୍ତି ବେପାରୀ ସହ ଜନସାଧାରଣ । ଦୁର୍ଭାଗ୍ୟର ବିଷୟ ହାଟର ଚର୍ତୁପାଶ୍ୱ ଦେଖିଲେ ସେହିଭଳି କିଛି ଉନ୍ନତିମୂଳକ କାର୍ଯ୍ୟ ହୋଇଥିବା ଆଜି ପର୍ଯ୍ୟନ୍ତ ଦେଖିବାକୁ ମିଳେନାହିଁ । ଯଦିଓ ଦୀର୍ଘବର୍ଷ ପରେ ହାଟ ମଧ୍ୟରେ ପାଇଖାନା ନିର୍ମାଣ କରାଯାଇଛି, ହେଲେ ତାହା ମନେ ହୁଏ କେବଳ ଲୋକ ଦେଖାଣିଆ, କାରଣ ନିର୍ମାଣ ପରଠାରୁ ସେଥିରେ ତାଲା ପଡ଼ି ରହିଛି । ସେହିଭଳି ସୁରକ୍ଷାକୁ ଦୃଷ୍ଟିରେ ରଖି ପଞ୍ଚାୟତ ନିର୍ମିତ ଚର୍ତ୍ତୃପାଶ୍ୱ ପାଚେରୀ ଅଧାଖଣ୍ଡିଆରେ ନିଲାମ ପୂର୍ବରୁ ପଡ଼ିରହିଛି, ହେଲେ ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରିନାହିଁ । ସେହିପରି ହାଟ ମଧ୍ୟକୁ ଯିବା ଆସିବା ପାଇଁ ରହିଥିବା ରାସ୍ତାର କଥା ନକହିବା ଭଲ, କାରଣ ସେ ଦୃଶ୍ୟ ଦେଖିଲେ ଜାଣିବ ତ କାଦୁଅ ବିଲରେ ଲୋକେ ତଳି ପକାଉଛନ୍ତି । ହାଟ ମଧ୍ୟରେ ବେପାରୀଙ୍କ ବସିବା ପାଇଁ ନିର୍ମିତ ହୋଇଥିବା ପିଣ୍ଡି ଗୁଡ଼ିକର ମରାମତି କରାଯାଉନଥିବା କାରଣରୁ ବେପାରୀମାନେ ବସିବା ପାଇଁ ନାହିଁ



ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ହାଟ ମଧ୍ୟରେ ପାନୀୟ ଜଳ ନିମନ୍ତେ ୪ଟି ନଳକୂପ ରହିଛି ସତ୍, ହେଲେ ସେଥିରୁ ଗୋଟିଏ ସମ୍ପୂର୍ଣ୍ଣ ଅଚଳ ଥିବା ବେଳେ ଅନ୍ୟଗୁଡିକ ଅବସ୍ଥା ବହୁତ ଖରାପ । ହାଟ ମଧ୍ୟରେ ଗୋରୁ, ଗାଈ, ଛେଳି, ମେଣ୍ଢା, କୁକୁଡା ହାଟ କିଣା ବିକାରେ ମୋଟା ଅଙ୍କର ଆଦାୟ ହେଉଥିବା ସତ୍ୱେ ସେମାନଙ୍କ ପାଇଁ ପିଇବା ପାଣିର ବ୍ୟବସ୍ଥା ନାହିଁ, ଯଦିଓ କୁଣ୍ଡ ନିର୍ମାଣ ହୋଉଥିଲା ରକ୍ଷଣାବେକ୍ଷଣ ଅଭାବରୁ ତାହା ଭାଙ୍ଗି ନଷ୍ଟ ହୋଇଯାଇଛି । ହାଟ ନିକଟରେ ମଦ ଦୋକାନ ଥିବା ଯୋଗୁଁ ହାଟ ପରିବେଶ ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ହେଉଛି, ତାହାକୁ ସଠିକ୍ ଭାବେ ପରିସ୍କାର କରାଯାଉନାହିଁ । ହାଟର ପରିବେଶ ଏତେ କଦର୍ଯ୍ୟ ଯେ ଲୋକ ଯିବାପାଇଁ ମୁହଁ ବୁଲାଉଥିବା ଦେଖିବାକୁ ମିଳିଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ହାଟର ସୁରକ୍ଷାକୁ ଦୃଷ୍ଟିରେ ରଖି ଚର୍ତ୍ତୃପାଶ୍ୱର ପାଚେରୀ ନିର୍ମାଣକୁ ସମ୍ପୂର୍ଣ୍ଣ କରାଯାଇ, ଆବଶ୍ୟକ ରାସ୍ତାରେ ଫାଟକ ଲଗାଯିବାର ନିହାତି ବ୍ୟବସ୍ଥା କରାଯାଉ । ଏଥିସହ ହାଟ ପରିବେଶର ପରିସ୍କାର ରଖାଯାଇ ସମସ୍ୟା ଥିବା କାର୍ଯ୍ୟର ଶିଘ୍ର ସମାଧାନ କରାଇବାକୁ ଏଠାକାର ଜନସାଧାରଣ ଓ ବୁଦ୍ଧିଜୀବି ଅନୁରୋଧ ସହ ଦାବି କରିଛନ୍ତି ।

# ପୂର୍ତ୍ତ ବିଭାଗର ରାସ୍ତା କାମ ତଦାରଖ କରିବା ସହ ବ୍ୟାପକ ଅନିୟମିତତା ନେଇ କ୍ଷୋଭ ପ୍ରକାଶ କଲେ ଛତ୍ରପୁର ବିଧାୟକ

ଛତ୍ରପୁର : ଆଞ୍ଚଳ ମୋଡ଼ରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ । ଆଜି ଅଚାନକ ପାଲୁରୁ ଜଙ୍କସନ ଠାରୁ ପ୍ରୟାଗୀ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ଅଧୀନରେ ଚାଲିଥିବା ରାସ୍ତା ନିର୍ମାଣ କାର୍ଯ୍ୟ ବୁଲି ଦେଖିବା ସହ କାର୍ଯ୍ୟର ତଦାରଖ କରିବା ସହ କ୍ୱାଲିଟି ପରୀକ୍ଷା କରିଥିଲେ । ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଦେଖିବାକୁ ପାଇଥିଲେ ବିଧାୟକ ରାସ୍ତା ନିର୍ମାଣରେ ପିଚୁର ମାତ୍ର କମ ଥିବା ବେଳେ ଅଧିକାଂଶ ଜାଗାରେ ଥିକନେସ ସଠିକ ନଥିବା ସହ ରାସ୍ତା ପାର୍ଶ୍ୱରେ ଥିବା ଜମିରୁ ମାଟି ଆଣି ପକାଉଥିବା ବେଳେ ବିନା ଜେଇ ଏସ ଡି ଓ ଙ୍କ ଉପସ୍ଥିତିରେ କାମକରିଥିବା ଦେଖିବାକୁ ପାଇଥିଲେ । ଏହା ପରେ ଉକ୍ତ କାର୍ଯ୍ୟରେ ନିୟୋଜିତ ଥିବା ଜେଇଙ୍କୁ ଫୋନ କରି ଏହି ବିଷୟରେ ଅବଗତ କରାଇବା ସହ ତାଗିଦ କରିଥିଲେ । ଏହି ରାସ୍ତା ଟି ପୁରୀ ଜିଲ୍ଲାକୁ ସଂଯୋଗ କରୁଥିବା ବେଳେ ଏହି ରାସ୍ତା ଦେଇ ପ୍ରତ୍ୟକ ଦିନ ହଜାର ହଜାର ଗାଡି ପୁରୀ ଅଭିମୁଖେ ଯାଇଥାଏ ହେଲେ ନିମ୍ନ ମାନର କାର୍ଯ୍ୟ ଯୋଗୁ ରାସ୍ତା



ଅଳ୍ପ ଦିନରେ ଖରାପ ହେବାର ସମ୍ଭାବନା ଅଧିକ ଏଣୁ କାମ ସଠିକ ନ ହେଲେ ଆଗାମୀ ଦିନରେ ଏ ବିଷୟରେ ତଦନ୍ତ କରାଯିବ ବୋଲି କହିଛନ୍ତି ବିଧାୟକ ।

# ଇପସିତା ରଥ ପାଇଲେ ସମ୍ମାନ ସୂଚକ ଡକ୍ଟରେଟ୍ (ପି.ଏଚ.ଡି) ଉପାଧି

ଭୁବନେଶ୍ୱର : ଭୋପାଳ ସ୍ଥିତ କେନ୍ଦ୍ରୀୟ କୃଷି ଅଭିଯାନ୍ତ୍ରିକ ସଂସ୍ଥାନର ଯୁବ ଗବେଷିକା ସୁଶ୍ରୀ ଇପସିତା ରଥ Notification No. OUAT-ACD-II-15286/UAT, Dt. 10.9.2024 ଅନୁଯାୟୀ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରୁ କୃଷି ଯାନ୍ତ୍ରିକରେ ସମ୍ମାନସୂଚକ ଡକ୍ଟରେଟ ଉପାଧି ଲାଭ କରିଛନ୍ତି । ସେ ଏହି ବିଶ୍ୱବିଦ୍ୟାଳୟର ପ୍ରଫେସର ଡ଼ଃ ପଦ୍ମ ଲୋଚନ ପ୍ରଧାନଙ୍କ ତତ୍ତ୍ୱାବଧାନରେ "Development of a non-linear model for optimum farm power and machinery selection in east and south eastern costal plain of Odisha" ଉପରେ ସଫଳତାର ସହ ଗବେଷଣା ଓ ସଂଦର୍ଭ ଉପସ୍ଥାପନ କରି ଉକ୍ତ ଉପାଧି ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ତାଙ୍କ ସଂଦର୍ଭଟି ଆଆଇଟି ଖଡ଼ଗପୁରର ପ୍ରଫେସର ଡ଼ଃ ହିଫଜୁର ରହମାନ ଏବଂ ଆଇଏଆର୍ଆଇ ନୂଆଦିଲ୍ଲୀର ପ୍ରମୁଖ ବୈଜ୍ଞାନିକ ଡ଼ଃ ପ୍ରମୋଦ କୁମାର ସାହୁଙ୍କ ଦ୍ୱାରା ପରୀକ୍ଷିତ ଏବଂ ଉଚ୍ଚପ୍ରଶଂସିତ ହୋଇଅଛି । ତାଙ୍କର ଏହି ଗବେଷଣାର ବିଷୟବସ୍ତୁ ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତୀୟ ପତ୍ରିକାରେ ପ୍ରକାଶିତ ହୋଇଛି । ଏହି ସଫଳତାପାଇଁ ଡ଼ଃ ରଥ ତାଙ୍କର ତତ୍ତ୍ୱାବଧାରକ ପ୍ରଫେସର ପ୍ରଧାନ ଏବଂ ଓୟୁଏଟି ଭୁବନେଶ୍ୱରର ବିଭାଗୀୟ ପ୍ରଫେସର



ଓ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ସର୍ବୋପରି ଏହି କୃତିତ୍ୱର ଶ୍ରେୟ ସେ ତାଙ୍କର ପିତା ପ୍ରାଧ୍ୟାପକ ଉମାକାନ୍ତ ରଥ, ମାତା କିରଣବାଳା ରଥ, ଭ୍ରାତା ଆଶୀର୍ବାଦ ରଥ, ଅଜା କୃପାସିନ୍ଧୁ ମିଶ୍ର ଏବଂ ପରିବାରବର୍ଗ ଓ ଆତ୍ମୀୟସ୍ୱଜନଙ୍କୁ ପ୍ରଦାନ କରିଛନ୍ତି ।

# ଶ୍ରୀକ୍ଷେତ୍ରରେ ପୁଣି ଭୟାବହ ଅଗ୍ନିକାଣ୍ଡ

ପୁରୀ(ରଶ୍ମିରଞ୍ଜନ ମହାରଥା): ଶ୍ରୀକ୍ଷେତ୍ର ପୁରୀର ପିଛା ଛାଡୁନି ଅଗ୍ନିକାଣ୍ଡ ଦୁର୍ଘଟଣା। ଗତ ଚାରି ମାସ ମଧ୍ୟରେ ନରେନ୍ଦ୍ର ପୁଷ୍କରିଣୀ ବାଣ ବିସ୍ଫୋରଣ, ଶ୍ରୀଗୁଣ୍ଡିଚା ନାକଚଣା ଦୁଆର ନିକଟରେ ଅଗ୍ନିକାଣ୍ଡ, ଅଠରନଳା କବାଡ଼ି ଗୋଦାମ ଅଗ୍ନିକାଣ୍ଡ ଏବଂ ବିଦ୍ୟୁତ ଖୁଣ୍ଟି ରେ ଅଗ୍ନିକାଣ୍ଡ ପରେ ଆଜି ସକାଳ ପ୍ରାୟ ସାଢ଼େ ଦଶଟା ବେଳେ ଇନ୍ଦ୍ରଦ୍ୟୁମ୍ନ ପୋଖରୀ ନିକଟ ମଧୁବନ ତୃତୀୟ ଲେନ୍ ରେ ଘଟିଛି ଭୟାବହ ଅଗ୍ନିକାଣ୍ଡ। ବିବରଣୀରୁ ଜଣା ପଡିଛି କି, ମଧୁବନ ତୃତୀୟ ଲେନ୍ ରେ ଏକ ଖୋଲା ପ୍ଲଟ ରେ ଗୋଟିଏ କବାଡ଼ି ଗୋଦାମ ଚାଲୁଥିଲା। ଗତ କିଛି ଦିନ ଧରି ଗୋଦାମ ଟି ବନ୍ଦ ରହିଥିଲେ ମଧ୍ୟ ଉକ୍ତ ସ୍ଥାନରେ ବହୁ ମାତ୍ରାରେ ଲୁହା ଟିଣ ପ୍ଲାଷ୍ଟିକ୍ ଏବଂ ଫାଇଭର୍



କବାଡ଼ି ଜିନିଷ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିଲା। କୌଣସି କାରଣରୁ ଆଜି ସକାଳ ପ୍ରାୟ ସାଢ଼େ ଦଶଟା ସମୟରେ ସେଥିରେ ନିଆଁ ଲାଗି ଯାଇଥିଲା। କେହି କିଛି ବୁଝିବା ଆଗରୁ ହଠାତ୍ ମଧୁବନ, ମାଟିଆ ପଡା ନବକଳେବର ରୋଡ, ଗୁଣ୍ଡିଚା ବିହାର ଆଦି ଅଞ୍ଚଳର ଆକାଶ ଘନ କଳା ଧୂଆଁରେ ଭରି ଯାଇଥିଲା। ଲୋକ ମାନଙ୍କ ମଧ୍ୟରେ ଅଜଣା ଆତଙ୍କ ଖେଳି ଯାଇଥିଲା। ପରେ ଦମକଳ ବାହିନୀର ଦୁଇଟି ନିଆଁ ଲିଭା ଗାଡି ଆସି ଦୁଇଘଣ୍ଟା ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିଥିଲେ। ଦୁର୍ଘଟଣାରେ କେହି ମୃତାହତ ହୋଇ ଥିବାର ଜଣା ପଡି ନାହିଁ କି କ୍ଷୟକ୍ଷତି ର ଆକଳନ ଜଣା ପଡ଼ିନାହିଁ। ପ୍ରକାଶ ଥାଉକି କବାଡ଼ି ଗୋଦାମ ମାନଙ୍କରେ ଜରି, ପ୍ଲାଷ୍ଟିକ୍ ଫାଇବର ଭଳି ସହଜରେ ନିଆଁ ଲାଗି ଯିବା ଭଳି ଅନେକ ଜିନିଷ ମହଜୁଦ ହୋଇ ରହିଥାଏ। ମାତ୍ର ପୁରୀ ସହରର କୌଣସି ବି କବାଡ଼ି ଗୋଦାମରେ ନିଆଁ ଲିଭା ଯନ୍ତ୍ର ଥିବା ଦେଖିବାକୁ ମିଳେନି। ତେଣୁ ଅନେକ ସମୟରେ ଏପରି ଦୁର୍ଘଟଣା ମାନ ଘଟିଥାଏ। ମଧୁବନ ଭଳି ଏକ ସମ୍ବେଦନଶୀଳ ଜନଗହଳି ପୂର୍ଣ୍ଣ ସ୍ଥାନରେ ଜନବସତି ମଧ୍ୟ ଭାଗରେ କବାଡ଼ି ଗୋଦାମ ଚାଲିବା ଏବଂ ଏତେ ମାତ୍ରାରେ ଆବର୍ଜନା ଗଦା ହୋଇ ରହିବା କିପରି ପୁରୀ ମ୍ୟୁନିସିପାଲଟି କର୍ତ୍ତୃପକ୍ଷ ଙ୍କ ଦୃଷ୍ଟି ଗୋଚର ହେଉ ନଥିଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ବିଧାୟକଙ୍କ ବିବୃତି ନେଇ ସରପଞ୍ଚ ସଂଘର ପ୍ରତିବାଦ ଶୋଭାଯାତ୍ରା

## ପଂଚାୟତ ଗୁଡିକ ନିରପେକ୍ଷ ତଦନ୍ତ ଦାବୀ କଲେ ବିଧାୟକ

ଆସିକା : ଆସିକା ବିଧାୟକ ସରୋଜ କୁମାର ପାଢ଼ୀ ଗତ ବିଧାନସଭା ଚାଲିଥିବା ସମୟରେ ସାମ୍ବାଦିକ ମାନଙ୍କ ସରପଞ୍ଚ ଗିରଫ ପ୍ରଶ୍ନ ସମ୍ପର୍କ ରେ ଉତ୍ତର ରଖିବା ବେଳେ ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀ ରେ ମଧ ପଂଚାୟତ ମାନଙ୍କ ରେ ଦୁର୍ନୀତି ହୋଇଥିବା ମିଡ଼ିଆ ଆଗରେ କିଛି ବକ୍ତବ୍ୟ ରଖିଥିଲେ କ୍ଷ ଏହାର ପ୍ରତିବାଦ ରେ ଆଜି ଗଞ୍ଜାମ ଜିଲ୍ଲା ସରପଞ୍ଚ ମହାସଂଘ ପକ୍ଷରୁ ଏକ ପ୍ରତିବାଦ ଶୋଭାଯାତ୍ରା ଆସିକା ସରକାରୀ ବସଷ୍ଟାଣ୍ଡ ଠାରୁ ବାହାରି ତହସିଲ ଏବଂ ପୋଲିସ ଥାନା କାର୍ଯ୍ୟାଳୟ କୁ ଯାଇଥିଲେ କ୍ଷ ସେଠାରେ ବିଧାୟକ ସରୋଜ ପାଢ଼ୀ ଙ୍କ କୁଶପୁତ୍ତଳିକା ପୋଡିଥିଲେ କ୍ଷ ମହାମହିମ ରାଷ୍ଟ୍ରପତି, ଓଡିଶା ରାଜ୍ୟପାଳ, ଓଡିଶା ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟ ରେ ଭଞ୍ଜନଗର ଉପଜିଲ୍ଲାପାଳ ଅନିଲ କୁମାର ସେଠୀ ଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ କ୍ଷ ଏହାପରେ ଆସିକା ଥାନା ରେ ପହଂଚି ଥାନାଅଧିକାରୀଙ୍କୁ ମଧ୍ୟ ଏକ ଦାବିପତ୍ର ପ୍ରଦାନ କରିଥିଲେ କ୍ଷ ସରପଞ୍ଚ ସଂଘ କହିବା ଅନୁସାରେ ଯଦି ମାନ୍ୟବର ବିଧାୟକ ଦେଇଥିବା ବିବୃତି ଏବଂ ମନ୍ତବ୍ୟ




କୁ ଜନସାଧାରଣ ଆଗରେ ଫେରାଇ ନେବା ସହ କ୍ଷମା ପ୍ରାର୍ଥନା ନକରନ୍ତି ତେବେ ଏହି ସଂଘ ଆଗାମୀ ଦିନରେ ରାଜଧାନୀ ରେ ପ୍ରତିବାଦ କରିବ ବୋଲି ସଂଘ ର ବିଭିନ୍ନ କର୍ମକର୍ତା ମତ ରଖିଥିଲେ । ଏ ସଂକ୍ରାନ୍ତରେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ ସାମ୍ବାଦିକଙ୍କ ପ୍ରଶ୍ନ ରେ ନିଜ ପ୍ରତିକ୍ରିୟା ରଖି କହିଥିଲେ ମୁଁ ଦେଇଥିବ ବୟାନ ସର୍ବସାଧାରଣଙ୍କ ଅଟେ। ଆସିକା ନିର୍ବଚନ ମଣ୍ଡଳୀ ର ଅନେକ ଗ୍ରାମକୁ ଆସିଥିବା ବିଭିନ୍ନ ସରକାରୀ ଅର୍ଥ ହଡପ ହୋଇଥିବା ଲୋକମାନେ ଅଭିଯୋଗ ଆଣିଛନ୍ତି , ଯାହାର ତଦନ୍ତ ନିଶ୍ଚିତ ହେବ। ଯଦି ଏହି ଦୁର୍ନୀତି ରେ ସରପଞ୍ଚ ମାନଙ୍କ ସମ୍ପୃକ୍ତି ନଥିବ ସେହି ସରପଞ୍ଚ ଙ୍କୁ ମୁଁ ନିଶ୍ଚିତ ଭୁଲ ମାଗିବି। ନତୁବା କସ୍ମିନ କାଳରେ ଭୁଲ ମାଗିବାର ନାହିଁ। ଏଥି ସହିତ ଆଜିର ରାଲି ର ଭିଡିଓ କୁ ଦେଖନ୍ତୁ ଯେତେ ସବୁ ଆସିଥିଲେ ଅଧିକାଂଶ ସରପଞ୍ଚ ନୁହନ୍ତି । ବୋଲି ଆସିକା ବିଧାୟକ ସରୋଜ ପାଢ଼ୀ ପ୍ରକାଶ କରିଛନ୍ତି କ୍ଷ ଆସିକା ପୋଲିସ ପକ୍ଷରୁ ଉପଖଣ୍ଡ ଆରକ୍ଷୀ ଅଧିକାରୀ ସଞ୍ଜୟ ମହାପାତ୍ର, ସମେତ ୦୪ ଜଣ ଥାନା ଅଧିକାରୀ ତଥା ଆସିକା ଥାନା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ପଟନାୟକ, କୋଟିନଡ଼ା ଥାନା ଅଧିକାରୀ କୃଷ୍ଣ ଚନ୍ଦ୍ର ସାହା, ଶେରଗଡ଼ ଥାନା ଅଧିକାରୀ ସନ୍ଧ୍ୟା ରାଣୀ ସିଂ, ବଡ଼ଗଡ଼ ଥାନା ଅଧିକାରୀ ବୀରେନ୍ଦ୍ର ସିଅ ସମେତ ବହୁ ୦୩ ପ୍ଲାଟୁନ ପୋଲିସ ନିୟୋଜିତ ରହିଥିଲେ । ଆସିକା ପୋଲିସ କିଛି ସମୟ ପାଇଁ ଲକ୍ଷ୍ମୀ ବଜାର ମଧ୍ୟରେ ରାଲିକୁ ଅଟକାଇଥିଲା କ୍ଷ ଏହି ରାଲି ରେ ବ୍ୟବହାର ହେଉଥିବା ଗୋଟିଏ ଅନୁମତି ନଥିବା ପ୍ରଚାର ଗାଡିକୁ ଥାନାରେ ଜବତ କରାଯାଇଛି କ୍ଷ ଆଜିର ଏହି ରାଲି ରେ ଦକ୍ଷିଣାଅଞ୍ଚଳ ଜୋନ ସରପଞ୍ଚ ସଂଘ ର ସଭାପତି ଭବାନୀ ଶଙ୍କର ମଲ୍ଲିକ, ଗଞ୍ଜାମ ଜିଲ୍ଲା ସଭାପତି ମନରଞ୍ଜନ ଗୌଡ଼, ଦେଓଗଡ ର ସତ୍ୟ ନାରାୟଣ ପାଣି, ରାଜ୍ୟ ସଂଘ ର ସମ୍ପାଦକ ତପନ କୁମାର ଚକ୍ରବର୍ତ୍ତୀ, କଳାହାଣ୍ଡି ର ସୁବୋଧ କୁମାର ରଣା, ଗଜପତି ଜିଲ୍ଲା ର ସଭାପତି ସଂଘମିତ୍ରା ଶବର, ବଲାଙ୍ଗୀର ଜିଲ୍ଲା ସଭାପତି ବିରବର ସାହୁ, ରାଜ୍ୟ ସଂଘ ର ଉପଦେଷ୍ଟା ଶ୍ରୀକ୍ଷ ରଞ୍ଜନ ମିଶ୍ର ସମେତ ଜିଲ୍ଲା କର୍ମକର୍ତା, ଆସିକା ବ୍ଲକ ର ବିଦ୍ୟାନ୍ତ ଚର୍ଚ୍ଚ,ଜୟସେନ ସ୍ୱାଇଁ, ନୀଳାଞ୍ଚଳ ଗୌଡ଼, ଜୟନ୍ତୀ ବେହେରା, ନମିତା ଜେନା, କିଶୋର ପ୍ରଧାନ, ଦୈତାରୀ ବେହେରା,ସମେତ ବହୁ ସରପଞ୍ଚ, ସମିତି ସଭ୍ୟ ଯୋଗ ଦେଇଥିଲେ ।

# Protecting Our Ancient Trees: Guardians of Time and Nature

Ancient trees, towering symbols of resilience and natural heritage, have been silently standing witness to centuries of human history. From providing shade and oxygen to offering ecological balance and spiritual significance, these trees hold the key to a healthier planet. However, with rapid urbanization, deforestation, and climate change, many of these ancient trees are now at risk. Preserving these trees is not just about saving a piece of history—it's about safeguarding our future.

**Why Protect Ancient Trees?**

1. Biodiversity Hubs: Ancient trees are more than just majestic sights; they are ecosystems unto themselves. With their deep roots and expansive branches, they support numerous species of birds, insects, fungi, and plants. Losing an old tree could mean the loss of an entire micro-ecosystem.

2. Climate Resilience: These trees play a vital role in regulating the earth's climate. Their extensive root systems help in carbon sequestration—storing carbon that would otherwise contribute to global warming. Their canopy cools the environment, making them natural climate stabilizers.

3. Cultural and Spiritual Significance: In many cultures, old trees are seen as sacred and are often associated with historical or mythological events. Whether it's the Bodhi tree under which Buddha attained enlightenment or the banyan tree revered in Hindu rituals, these trees connect us to our cultural and spiritual roots.

4. Historical Archives: Old trees are living witnesses to history. Their rings tell stories of the past—each ring representing a year of growth, often reflecting environmental conditions such as droughts, floods, and volcanic eruptions. In this sense, cutting down an ancient tree is akin to erasing a part of history.


Challenges Facing Ancient Trees

The threats to ancient trees are multifaceted. Rapid urban development often prioritizes road expansion, construction, and real estate over preserving natural landscapes. Furthermore, changes in climate droughts, floods, and extreme weather conditions—put additional stress on these already fragile trees. Diseases, invasive species, and pests can also weaken them, making them more susceptible to damage and decay. Strategies for Protecting Ancient Trees

1. Legal Protections: Governments should implement and enforce laws that protect ancient trees. These laws can prevent the felling of trees over a certain age or size, especially in urban areas. Penalties for violating these laws should be stringent to discourage unlawful cutting.

2. Tree Mapping and Documentation: One of the first steps in protecting ancient trees is to create an inventory of them. Local communities and environmental organizations can collaborate to map and document old trees, providing vital information about their locations, species, and health. This data can be used to advocate for their protection.

3. Community Involvement: Community awareness and involvement are essential. Educational campaigns can highlight the importance of these trees and encourage people to take responsibility for their protection. Schools can organize tree walks and involve students in tree care activities. Local festivals could also celebrate the trees, reinforcing their cultural significance. 4. Eco-



friendly Urban Planning: Urban planners need to incorporate green spaces into city designs, ensuring that ancient trees are protected rather than removed for construction. Sustainable building techniques can be used to work around these natural giants instead of bulldozing them down. 5. Tree Guardianship Programs: Assigning tree guardians individuals or community groups tasked with monitoring and maintaining ancient trees—can help ensure their longevity. These guardians can regularly inspect the trees for signs of disease, pests, or environmental stress and take the necessary actions to preserve their health.""6. Scientific Interventions: For trees that are weakened by disease or age, scientific interventions such as soil aeration, controlled watering, and organic pest control can help restore their health. Arborists, or tree doctors, can provide professional care to ensure the trees remain strong and resilient. 7. Preventing Soil Erosion and Root Damage: One of the major threats to old trees is damage to their roots, often caused by soil erosion or construction work. Protective measures such as planting ground cover, placing barriers, or limiting heavy machinery near ancient trees can help protect their root systems.""8. Reforestation and Buffer Zones: While ancient trees are irreplaceable, planting new trees around them creates a buffer that can shield them from environmental stress. Reforestation efforts not only replenish lost forests but also help reduce pressure on older trees by restoring the ecosystem's balance.

The Role of Spirituality and Culture

Incorporating cultural and spiritual values into tree conservation can create a strong emotional connection with ancient trees. In India, for example, the tradition of tree worship—whether it's the sacred banyan (Ficus benghalensis) or the peepal tree (Ficus religiosa)—has long helped preserve these natural treasures. Reintroducing these



Nihar Ranjan Acharya

cultural practices, especially among younger generations, can foster a sense of reverence and responsibility towards ancient trees.

**Conclusion: A Call to Action**

Our ancient trees are not just relics of the past; they are living entities that contribute to the ecological, cultural, and spiritual wealth of our planet. Protecting them requires a concerted effort from governments, communities, scientists, and individuals. By recognizing their importance, implementing strong protections, and fostering a culture of respect and care, we can ensure that these trees stand tall for future generations, continuing to nourish the planet with their timeless wisdom.""In the words of the Bhagavad Gita: "Aham sarvasya prabhavo, matta? sarva? pravartate"—I am the source of all, from Me everything evolves. Just as all life springs from nature, let us honor and protect the ancient trees, which are pillars of life, and ensure they continue to evolve alongside us.

Founder and Working Director,
TRUST - a Science and Environment Lover Organization
Ph.8249775817
E-mail: nihar.acharya@rediffmail.com

# HDFC Bank Educated over 11,000 Students and Teachers on Safe Digital Banking Practices

Bhubanneswar:HDFC Bank, India's leading private sector Bank conducted over 150 workshops sensitising over 11,000 students and teachers on safe digital banking practices. The Bank conducted these special secure banking workshops between 4th Sept and 10th Sept on the occasion of Teacher's Day.

The Bank reached out to school/college/educational institutes across India and conducted secure banking sessions for students, teaching and non-teaching staff. Through these interactive sessions, participants gained valuable insights on safe digital banking practices so that they don't fall prey to cyber frauds. The workshops included real life examples, stories and videos which helped participants understand various Modus Operandi used by fraudsters. HDFC Bank has been conducting Cyber Fraud Awareness Workshops under the secure banking initiative at various locations across the country over the past four years.

The workshop covered an array of pertinent topics, offering a better understanding of digital security:

1.Cyber Fraud Awareness: Detailed discussions were held explaining common cyber threats like vishing, phishing, smishing, remote device access, SIM swap and UPI frauds. Discussion was also done to identify scams which happen in pretext of investment, job offer, digital arrest, fake courier, etc. and how to safeguard from these. Real-life examples were used to deepen understanding.

2.Secure Net-banking and Shopping Tips: The sessions highlighted best practices for secure online transactions and tips for safe online shopping.


3.Preventive Measures: Attendees were guided not to divulge sensitive information such as OTPs, CVVs, Debit/Credit card credentials and UPI PINs.4. Report Suspected Scams: Reporting any suspicious call/message on the Chakshu portal on www.sancharsaathi.gov.in

Commenting on this Mr. Manish Agrawal, Senior Executive Vice President – Credit Intelligence and Control – HDFC Bank said, "In today's digital age, it is imperative that we equip the youth and educators with the knowledge to navigate the online world safely. Lack of awareness causes people to fall for cyber frauds. Therefore, it is essential to create awareness so that they do not share confidential banking data or click on unverified links. The objective of these workshops was to educate participants on various modus operandi used by fraudsters and the secure banking practices that one need to follow so that they can further educate their family and friends and they do not become victims of such online frauds. The Bank encourages customers to be cautious and adopt safe banking habits while transacting digitally and avoid sharing their confidential banking information with anyone.

## ଭରତପୁର ଥାନାରେ ମେଜର, ବାନ୍ଧବୀଙ୍କୁ ମାଡ଼ ଘଟଣା

# ଦୃଢ଼ ହେବ କାର୍ଯ୍ୟାନୁଷ୍ଠାନ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, : ଭାରତୀୟ ସେନା ଅଧିକାରୀ ମେଜର ଗୁରୁଭନ୍ସ ସିଂଙ୍କ ଉପରେ ଆକ୍ରମଣ ତଥା ଭାରତପୁର ପୋଲିସ ଷ୍ଟେସନରେ ତାଙ୍କ ବାନ୍ଧବୀଙ୍କୁ ଯୌନ ନିର୍ଯାତନା ଅଭିଯୋଗରେ ମାମଲାରେ ବିରୋଧୀ ସରକାରଙ୍କୁ ଘେରିବା ଆରମ୍ଭ କଲା ପରେ ଶୁକ୍ରବାର ଦିନ ଓଡ଼ିଶା ସରକାର ଏହି ମାମଲାରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଶ୍ଚିତ କରିଛନ୍ତି । ଖବରଦାତାଙ୍କ ସହିତ କଥା ହୋଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଶୁକ୍ରବାର କହିଛନ୍ତି, ଭରତପୁର ଥାନାରେ ସେନା ଅଧିକାରୀ ଓ ତାଙ୍କ ସହିତ ଥିବା ଜଣେ ମହିଳାଙ୍କୁ






ଅସଦାଚରଣ ତଥା ଆକ୍ରମଣ ଅଭିଯୋଗକୁ ସରକାର ଅତ୍ୟନ୍ତ ଗୁରୁତର ଭାବେ ଗ୍ରହଣ କରିଛନ୍ତି । ଘଟଣା ସରକାରଙ୍କ ଦୃଷ୍ଟିକୁ ଆସିବା ମାତ୍ରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସହିତ ଆଇନ ଅନୁଯାୟୀ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଛି ।ଘଟଣା ଅତ୍ୟନ୍ତ ସଂବେଦନଶୀଳ ହୋଇଥିବାରୁ କ୍ରାଇମ ବ୍ରାଞ୍ଚକୁ ଘଟଣାର ଯାଞ୍ଚ କରି ତୁରନ୍ତ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ତଦନ୍ତ ରିପୋର୍ଟ ପ୍ରାପ୍ତ ହେବା ମାତ୍ରେ ଆଇନ ଅନୁଯାୟୀ ଦୋଷୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରାଯିବ । ମହିଳା ହିଂସା ବିରୁଦ୍ଧରେ ସରକାର 'ଶୂନ୍ୟ ସହନଶୀଳତା' ନୀତି ଅବଲମ୍ବନ କରୁଛନ୍ତି ଏବଂ ମହିଳା ନିର୍ଯ୍ୟାତନାକୁ କୌଣସି ପ୍ରକାରେ ବରଦାସ୍ତ କରାଯିବ ନାହିଁ ।" ଏହି ଘଟଣାରେ ବିରୋଧୀ ଦଳ ସରକାରଙ୍କ ଉପରେ ଘୋର ଆକ୍ରମଣ କରିବା ପରେ ଓଡିଶା ମୁଖ୍ୟମନ୍ତ୍ରୀଙ୍କ ବିବୃତ୍ତି ଆସିଛି ଯାହା ରାଜ୍ୟରେ ପୋଲିସର କାର୍ଯ୍ୟକଳାପ ଉପରେ ପ୍ରଶ୍ନ ଉଠାଇଛି । ' ରାଜ୍ୟ ସରକାରଙ୍କୁ ଟାର୍ଗେଟ କରି ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ କହିଛନ୍ତି "ହିଂସା ଏବଂ ସେନା ଅଧିକାରୀଙ୍କ ବିରୋଧରେ ହୋଇଥିବା ନିର୍ଯାତନା ବିଷୟ ଏହା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଖବର । ଆମେ ଏହି ଘଟଣାର ସମ୍ପୂର୍ଣ୍ଣ ନ୍ୟାୟିକ ତଦନ୍ତ ଦାବି କରୁଛୁ ଏବଂ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ।

## ରାଜଭବନ ସମ୍ମୁଖରେ ବିଜୁ ମହିଳା ଜନତା ଦଳର ଗଣଧାରଣା



ଭୁବନେଶ୍ୱର: ଭରତପୁର ଥାନାରେ ଜଣେ ସେନାଧିକାରୀ ଏବଂ ତାଙ୍କ ବାନ୍ଧବୀଙ୍କ ଉପରେ ହୋଇଥିବା ଅତ୍ୟାଚାର ଓ ଅନ୍ୟାୟ ବିରୋଧରେ ଆଜି ବିଜୁ ମହିଳା ଜନତା ଦଳ ପକ୍ଷରୁ ରାଜଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଗଣଧାରଣା ଦିଆଯାଇଛି । ଏହାସହ ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ଭୁବନେଶ୍ୱର ଏଡିଏମ୍‌ଙ୍କୁ ଦିଆଯାଇଛି । ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କ ନେତୃତ୍ୱରେ ଆୟୋଜିତ ଏହି ବିକ୍ଷୋଭରେ ଶତାଧିକ ମହିଳା ଯୋଗଦେଇ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ । ବିଜେଡି କହିଛି ଯେ ବିଜେପି ସରକାର ୧୦୦ ଦିନର ରିପୋର୍ଟ ପ୍ରଦାନ କରୁଥିବା ବେଳେ ଗତ ୧୫ ତାରିଖ ରାତିରେ ଘଟିଥିବା ଏହି ସ୍ପର୍ଶକାତର ଘଟଣା କେବଳ ରାଜ୍ୟରେ ନୁହେଁ ବରଂ ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି । କାର୍ଯ୍ୟରତ ଥାନାଧିକାରୀମାନେ ନ୍ୟାୟ ଦେବା ବଦଳରେ ପୀଡ଼ିତା ମହିଳାଙ୍କୁ ଯେଉଁ ଭଳି ଭାବେ ଦୁର୍ବ୍ୟବହାର କରିଛନ୍ତି ତାହା ଅତ୍ୟନ୍ତ ନିନ୍ଦନୀୟ । ଏହି ଘଟଣାରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ବିଚାର ବିଭାଗୀୟ ତଦନ୍ତ ଦାବି କରିଥିବାବେଳେ ରାଜ୍ୟ ସରକାର କିଛି ପଦକ୍ଷେପ ନେଇନାହାନ୍ତି । ଏହି ଗଣଧାରଣାରେ ବିଧାୟିକା ପ୍ରମିଳା ମଲ୍ଲିକ୍, ପୂର୍ବତନ ବିଧାୟିକା ଟୁକୁନି ସାହୁ, ଲତିକା ପ୍ରଧାନ, ବିଏମ୍‌ସି ମେୟର ସୁଲୋଚନା ଦାସ, ଶ୍ରୀମୟୀ ମିଶ୍ର, ଲୋପାମୁଦ୍ରା ବକ୍ସିପାତ୍ର, କସ୍ତୁରୀ ମହାପାତ୍ର, ଲେଖାଶ୍ରୀ ସାମସନ୍ତସିଂହାର, ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ସୁଶାନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ କଂଗ୍ରେସର ହଙ୍ଗାମା ପୁଲିସ ଉପରକୁ ଅଣ୍ଡା,ଟମାଟୋ ମାଡ଼




ଭୁବନେଶ୍ୱର: ଭରତପୁର ଥାନା ମାମଲାରେ ଆଜି ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ମେଜର ଗୁରୁବଂଶ ସିଂ ଓ ତାଙ୍କ ବାନ୍ଧବୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନ୍ୟାୟ ଦେଇପାରିନଥିବାରୁ ଇସ୍ତଫା ଦିଅନ୍ତୁ ବୋଲି ଦାବି କରିଛି ଯୁବ କଂଗ୍ରେସ । ଏହି ସମୟରେ ପୁଲିସ ସହ ଯୁବ କଂଗ୍ରେସ କର୍ମୀଙ୍କ ଧସ୍ତାଧସ୍ତି ହୋଇଥିଲା ଏବଂ ପୁଲିସ ଉପରକୁ ଅଣ୍ଡା ଟମାଟୋ ମାଡ଼ କରାଯାଇଥିଲା । ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରୁ ଯୁବ କଂଗ୍ରେସ କର୍ମୀମାନେ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ପର୍ଯ୍ୟନ୍ତ ଯାଇଥିଲା । ପୁଲିସ ସେମାନଙ୍କୁ ବାରିକେଡ୍ କରି ଅଟକାଇବାରୁ ଯୁବ କଂଗ୍ରେସ କର୍ମୀମାନେ ପଚାଅଣ୍ଡା ଓ ଟମାଟୋ ମାଡ଼ କରିଥିଲେ । ଭରତପୁର ଆଦର୍ଶ ଥାନାରେ ଥାନାଧିକାରୀ ମହିଳାଙ୍କ ଇଜ୍ଜତ ଲୁଟୁଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କୁ ଖବର ହେଲା ନାହିଁ । ମୁଖ୍ୟମନ୍ତ୍ରୀ, ମୁଖ୍ୟଶାସନ ସଚିବ, ଗୃହ ସଚିବ, ଡିଜିପି ଓ କମିସନରେଟ ପୁଲିସ ଭରତପୁର ଥାନାର ତତ୍କାଳୀନ ଅଧିକାରୀ ଦୀନକୃଷ୍ଣ ମିଶ୍ରଙ୍କୁ ଘଣ୍ଟ ଘୋଡାଇବାରେ ବ୍ୟସ୍ତ ଥିଲେ । କେବଳ ଗଣମାଧ୍ୟମ, ହାଇକୋର୍ଟ ଓ ବିଭିନ୍ନ ରଜନୈତିକ ଦଳର ଦାବି ପାଇଁ ସେହି ଅପରାଧୀ କର୍ମଚାରୀମାନଙ୍କୁ ନିଲମ୍ବିତ କରାଯାଇଛି । ଓଡ଼ିଶାରେ ମହିଳା ଅସୁରକ୍ଷିତ ବୋଲି ନିର୍ବାଚନ ପୂର୍ବରୁ ବିଜେପିର ତୁଙ୍ଗନେତାମାନେ ଚିତ୍କାର କରୁଥିଲେ । ସେମାନେ ଚୁପ୍ ହୋଇ ବସିଛନ୍ତି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଲୋକସଭା ସାଂସଦ ପ୍ରାର୍ଥୀ ୟାସିର ନୱାଜ, ସୁଦୀପ ସାମଲ, ମନୋଜ ବିଶ୍ୱାଳ, ଗଣେଶ ଦାଶ, ଗୋପନ ମାର୍ଥା, ମହମ୍ମଦ ଗୁଲ୍‌ଫାମ, ସ୍ୱାଗତ କର, ଅଜୟ ସାହୁ, ସାଗର ପଟ୍ଟନାୟକ, ସାହାରୁଖ ଖାଁ, ମହମ୍ମଦ ପରଭେଜ୍, ମିର୍ଜା ଇସ୍‌ଲାମ୍ ବେଗ୍, ନିଆଜୁଲ୍ ଇସ୍‌ଲାମ୍, ବଟକୃଷ୍ଣ ରାଉତରାୟ, ସୌଦ୍ୱୀପ ରାୟ, ସ୍ୱନ୍ଦନ ସ୍ୱାଇଁ, ସୁବାଶିଷ ମହାନ୍ତି, ଇମ୍ରାନ ଅଲ୍ଲି ଖାଁ, ଚନ୍ଦନ ସାହୁ, ଆସିଫ୍ ଖାଁ, ମିର୍ଜା ଅବ୍‌ଦୁଲ୍ କାଲାମ ବେଗ୍ ଓ ଅନ୍‌ୱାର ଖାଁ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ତିରୁପତି ମନ୍ଦିର ଲଡୁରେ ମାଛ ତେଲ ଓ ଗୋ-ଚର୍ବି; ରିପୋର୍ଟ ମାଗିଲା କେନ୍ଦ୍ର

ସୁରତ : ତିରୁପତି ମନ୍ଦିର ଲଡୁରେ ପଶୁ ଚର୍ବି ଏବଂ ମାଛ ତେଲ ମିଶ୍ରଣ ଘଟଣାର ରିପୋର୍ଟ ମାଗିଛି କେନ୍ଦ୍ର । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କୁ ସମ୍ପୂର୍ଣ୍ଣ ରିପୋର୍ଟ ଦେବାକୁ କହିଛନ୍ତି । ସେପଟେ ଖାଦ୍ୟ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ପୁଙ୍ଖାନୁପୁଙ୍ଖ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଯେଉଁ ଅଭିଯୋଗ ଆଣିଛିନ୍ତି, ତାହା ଗୁରୁତର ପ୍ରସଙ୍ଗ । ଏ ଉପରେ ବିସ୍ତୃତ ତଦନ୍ତ ଆବଶ୍ୟକ ଏବଂ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ ବୋଲି ସେ କହିଛନ୍ତି ।

ପ୍ରକାଶ ଥାଉକି, ନିକଟରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଅଭିଯୋଗ ଆଣିଥିଲେ ଯେ, ପୂର୍ବର ୱାଇଏସ ଜଗନ ମୋହନ ରେଡ୍ଡିଙ୍କ ୱାଇଏସଆର କଂଗ୍ରେସ କ୍ଷମତାରେ ଥିବାବେଳେ ତିରୁପତି ବାଲାଜୀ ମନ୍ଦିରରେ ନିର୍ମିତ ହେଉଥିବା ପ୍ରସାଦ ଲଡୁରେ ନିମ୍ନ ମାନର ତେଲ ମିଶ୍ରଣ ହେଉଥିଲା । ଏବେ ମଧ୍ୟ ସେପରି ପ୍ରକ୍ରିୟା ଚାଲିଛି । ଏହା ପରେ NDDB CALF ନାମକ ଘରୋଇ ଲ୍ୟାବ ପକ୍ଷରୁ ତିରୁପତି ବାଲାଜୀ ମନ୍ଦିରରେ





ପ୍ରସାଦ ରୂପେ ବିକ୍ରି ହେଉଥିବା ଲଡୁର ମାନ ପରୀକ୍ଷା କରାଯାଇଥିଲା । ପରୀକ୍ଷଣରୁ ସଙ୍ଗୀନ ଘଟଣା ସାମ୍ନାକୁ ଆସିଛି । ଲଡୁରେ ମାଛ ତେଲ,ଗୋରୁ ଚର୍ବି, ଘୁଷୁରି ଚର୍ବିର ମିଶ୍ରଣ କରାଯାଉଛି । ଏହି ଲ୍ୟାବ୍ ରିପୋର୍ଟ ଶାସକ ତେଲଗୁ ଦେଶମ ପାର୍ଟି ପକ୍ଷରୁ ସୋଶାଲ ମିଡିଆରେ ଶେଆର କରାଯାଇଥିଲା, ଯାହା ପରେ ଭକ୍ତଙ୍କ ମହଲରେ ଉଦବେଗ ପ୍ରକାଶ ପାଇଛି । ଏହାକୁ ନେଇ ଆଜି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ରାଜ୍ୟ ସରକାରଙ୍କୁ ବିସ୍ତୃତ ରିପୋର୍ଟ ମାଗିଛି ।

# ବିଚାରପତି ନିଯୁକ୍ତିରେ ବିଳମ୍ବ ନେଇ ସୁପ୍ରିମ୍‌କୋର୍ଟ କ୍ଷୁବ୍ଧ: କଲେଜିୟମ୍ 'ସର୍ଚ୍ଚ କମିଟି' ନୁହେଁ



ନୂଆଦିଲ୍ଲୀ: ହାଇକୋର୍ଟ ବିଚାରପତିଙ୍କ ନିଯୁକ୍ତି କ୍ଷେତ୍ରରେ ବାରମ୍ବାର କଲେଜିୟମ୍ ସୁପାରିସ ସତ୍ତ୍ୱେ କେନ୍ଦ୍ର ସରକାର ନିଷ୍ପତ୍ତି ନେବାରେ ବିଳମ୍ବ କରୁଥିବାରୁ ଆଜି ସୁପ୍ରିମ୍‌କୋର୍ଟ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଯେଉଁ ବିଚାରପତିମାନଙ୍କର ନିଯୁକ୍ତିରେ ବିଳମ୍ବ ହୋଇଛି ତଥା କଲେଜିୟମ୍‌ର ଏକାଧିକ ସୁପାରିସ ସତ୍ତ୍ୱେ ଯେଉଁମାନଙ୍କ ନିଯୁକ୍ତି ପ୍ରକ୍ରିୟା କାର୍ଯ୍ୟକାରୀ ହୋଇନାହିଁ, ତାହାର ଏକ ତାଲିକା ଦେବାପାଇଁ ସରକାରଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନ ବିଚାରପତି ଡି ୱାଇ ଚନ୍ଦ୍ରଚୂଡ଼, ଜଷ୍ଟିସ ଜେବି ପର୍ଦ୍ଦିୱାଲା ଏବଂ ମନୋଜ ମିଶ୍ରଙ୍କ ଖଣ୍ଡପୀଠ କହିଛନ୍ତି ଯେ କଲେଜିୟମ୍ କୌଣସି 'ସର୍ଚ୍ଚ କମିଟି' ନୁହେଁ। ବିଚାରପତି ନିଯୁକ୍ତି ପାଇଁ ଯେଉଁ ନାମ ସୁପାରିସ କରାଯାଉଛି ତାହା କାର୍ଯ୍ୟକାରୀ କରିବାକୁ ସରକାର ବାଧ୍ୟ। ସରକାର ଏଥିରେ ନିଜସ୍ୱ ନିଷ୍ପତ୍ତି ଲଦିପାରିବେ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି ଏବଂ ଏଟର୍ଣ୍ଣି ଜେନେରାଲ୍ ଆର ଭେଙ୍କଟରମଣୀଙ୍କଠାରୁ ତାଲିକା ମାଗିଛନ୍ତି। କେତେକ ହାଇକୋର୍ଟରେ ମଧ୍ୟ ମୁଖ୍ୟ ବିଚାରପତି ନିଯୁକ୍ତିର ତତ୍କାଳ ଆବଶ୍ୟକତା ରହିଥିବା କୋର୍ଟ ଦର୍ଶାଇଛନ୍ତି। ତେଣୁ ପ୍ରକ୍ରିୟା ତ୍ୱରାନ୍ୱିତ କରି ନିଯୁକ୍ତି କାର୍ଯ୍ୟକାରୀ କରିବାପାଇଁ ଖଣ୍ଡପୀଠ କହିଛନ୍ତି। ଅନ୍ୟପକ୍ଷେ ଏଟର୍ଣ୍ଣି ଜେନେରାଲ୍ ନିଯୁକ୍ତି ପାଇଁ ନିଷ୍ପତ୍ତି ନିଆଯାଇନଥିବା ବିଚାରପତିଙ୍କ ତାଲିକା ପ୍ରଦାନ କରିବେ ବୋଲି ଖଣ୍ଡପୀଠଙ୍କୁ ଜଣାଇଛନ୍ତି। ତେବେ ପ୍ରକ୍ରିୟାରେ ବିଳମ୍ବ ବିରୋଧରେ ହୋଇଥିବା ଆବେଦନକୁ ସେ ବିରୋଧ କରିଛନ୍ତି। ଝାଡ଼ଖଣ୍ଡ ସରକାରଙ୍କ ପକ୍ଷରୁ ବିଚାରପତି ନିଯୁକ୍ତି ବିଳମ୍ବ ନେଇ ଏକ ଅବମାନନା ମାମଲା ରୁଜୁ କରାଯାଇଥିବାରୁ ଏ ସଂକ୍ରାନ୍ତରେ ଖଣ୍ଡପୀଠ ଏଟର୍ଣ୍ଣି ଜେନେରାଲ୍‌ଙ୍କୁ ଅବଗତ କରାଇଥିଲେ। ଏହାର ଜବାବରେ ଏଟର୍ଣ୍ଣି ଜେନେରାଲ୍ ? କହିଥିଲେ ଯେ ଝାଡ଼ଖଣ୍ଡ ସରକାରଙ୍କ ଏଭଳି ପଦକ୍ଷେପ ସଂକ୍ରାନ୍ତରେ ଆମ ପାଖରେ କିଛି ଖବର ନାହିଁ। ଜୁଲାଇ ୧୧ରେ କଲେଜିୟମ୍ ? ମାଡ୍ରାସ, କେରଳ ଏବଂ ଦିଲ୍ଲୀ ହାଇକୋର୍ଟରେ ମୁଖ୍ୟ ବିଚାରପତିଙ୍କ ନିଯୁକ୍ତି ପାଇଁ ସୁପାରିସ କରିଥିଲେ। ସେପଟ୍ମେର ୧୭ରେ କଲେଜିୟମ୍ ? ପୂର୍ବ ଆଦେଶରେ କେତେକ ପରିବର୍ତ୍ତନ ଆଣି ଜମ୍ମୁ କଶ୍ମୀର ଏବଂ ଲଦାଖ, ମଧ୍ୟପ୍ରଦେଶ, ହିମାଚଳପ୍ରଦେଶ ହାଇକୋର୍ଟରେ ମୁଖ୍ୟ ବିଚାରପତି ନିଯୁକ୍ତି ପାଇଁ ସୁପାରିସ କରିଥିଲେ। ଏହି ଆଦେଶ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ।

# ସୁପ୍ରିମକୋର୍ଟଙ୍କ ୟୁଟ୍ୟୁବ ଚ୍ୟାନେଲ ହ୍ୟାକ୍



ନୂଆଦିଲ୍ଲୀ ୨୦।୯: ସୁପ୍ରିମ୍ କୋର୍ଟଙ୍କ ୟୁଟ୍ୟୁବ୍ ଚ୍ୟାନେଲ୍ ହ୍ୟାକ୍ ହୋଇଛି । ଉକ୍ତ ଚ୍ୟାନେଲକୁ ଖୋଲିଲେ ସେଥିରେ ଆମେରିକୀୟ କମ୍ପାନି ରିପଲ୍ ଲ୍ୟାବ୍ସ ଦ୍ୱାରା ବିକଶିତ କ୍ରିପଟୋକରେନ୍ସି ଏକ୍ସଆରପିକୁ ପ୍ରୋତ୍ସାହିତ କରୁଥିବା ଭିଡିଓ ଦେଖାଯାଉଛି।ସୂଚନା ଅନୁଯାୟୀ, କ୍ରିପଟୋକରେନ୍ସି ଏକ୍ସଆରପିର ବିଜ୍ଞାପନ ଭିଡିଓ ସୁପ୍ରିମ୍ କୋର୍ଟର ଅଫିସିଆଲ୍ ୟୁଟ୍ୟୁବ୍ ଚ୍ୟାନେଲରେ ଦେଖାଯାଉଛି। ଏକ୍ସଆରପି କ୍ରିପଟୋକରେନ୍ସି ଆମେରିକାର କମ୍ପାନି ରିପଲ୍ ଲ୍ୟାବ୍ସ ଦ୍ୱାରା ବିକଶିତ ହୋଇଛି। ଖଣ୍ଡପୀଠରେ ତାଲିକାଭୁକ୍ତ ମାମଲାଗୁଡ଼ିକର ଶୁଣାଣିର ସିଧା ପ୍ରସାରଣ ପାଇଁ ସୁପ୍ରିମକୋର୍ଟ ଏହି ୟୁଟ୍ୟୁବ୍ ଚ୍ୟାନେଲ୍ ବ୍ୟବହାର କରନ୍ତି। ହ୍ୟାକର୍ସ ସୁପ୍ରିମକୋର୍ଟଙ୍କ ୟୁଟ୍ୟୁବ୍ ଚ୍ୟାନେଲରେ ଅପଲୋଡ୍ ହୋଇଥିବା ଶେଷ ଶୁଣାଣିର ଭିଡିଓକୁ ବ୍ୟକ୍ତିଗତ କରି ଲେଖିଛନ୍ତି ' ବ୍ରାଡ୍ ଗାର୍ଲିଙ୍ଗହାଉସ୍: ଏସଇସିର ୨ ବିଲିୟନ ଡଲାର ଜରିମାନା ଉପରେ ରିପଲ୍ ପ୍ରତିକ୍ରିୟା ! ଚ୍ୟାନେଲରେ 'ଏକ୍ସଆରପି ପ୍ରାଇସ୍ ପ୍ରେଡିକ୍ସନ' ଶୀର୍ଷକ ଏକ ଭିଡିଓ ଲାଇଭ୍ ହୋଇଥିଲା। ଏହାର ସିଇଓ ବ୍ରାଡ୍ ଗାର୍ଲିଂହାଉସଙ୍କ ନକଲି ଆକାଉଣ୍ଟ ତିଆରି କରିବାରୁ ହ୍ୟାକର୍ସଙ୍କୁ ରୋକିବାରେ ବିଫଳ ହୋଇଥିବାରୁ ରିପଲ୍ ନିଜେ ୟୁଟ୍ୟୁବ୍ ବିରୋଧରେ ମାମଲା ରୁଜୁ କରିଛି ।ନିକଟରେ ଚ୍ୟାନେଲ କୋଲକାତାର ଆରଜି କର ହସ୍ପିଟାଲରେ ଜଣେ ପ୍ରଶିକ୍ଷଣାର୍ଥୀ ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲାରେ ମାମଲା ପ୍ରସାରଣ କରିଥିଲା। ଶୁଣାଣିର ରେକର୍ଡିଂ ଖୋଜୁଥିବା ଦର୍ଶକମାନେ ଜାଣିବାକୁ ପାଇଲେ ଯେ ପୂର୍ବର ସମସ୍ତ ଭିଡିଓକୁ ବ୍ୟକ୍ତିଗତ କରାଯାଇଛି ଓ ଏକ୍ସଆରପି ପ୍ରାଇସ୍ ପ୍ରିଡିକ୍ସନଶୀର୍ଷକ ଏକ ଲାଇଭ୍ ଭିଡିଓ ପ୍ରସାରିତ ହୋଇଛି। ସୁପ୍ରିମ୍ କୋର୍ଟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ କଣ ଘଟିଛି ସେ ନିଶ୍ଚିତ ନୁହଁନ୍ତିକିନ୍ତୁ ୱେବସାଇଟ୍ ହ୍ୟାକ ଥିବା ଜଣାପଡୁଛି। ଶୁକ୍ରବାର ସକାଳେ ଏହା ଚିହ୍ନଟ ହୋଇଥିଲା ଏବଂ ସୁପ୍ରିମ୍ କୋର୍ଟ ଆଇଟି ଟିମ୍ ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର (ଏନ୍‌ଆଇସି)ରେ ଏହି ପ୍ରସଙ୍ଗ ଉଠାଇଛନ୍ତି।

# ପୋଲିସ ହେପାଜତରେ ମୃତ୍ୟୁ ପାଇଁ ୨ ଲକ୍ଷ ଟଙ୍କା କ୍ଷତିପୂରଣ ଦିଅ : ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ



କଟକ ୧୯।୯: ପୋଲିସ ହେପାଜତରେ ମୃତ୍ୟୁ ପାଇଁ ୨ ଲକ୍ଷ କ୍ଷତିପୂରଣ ଦିଅ । ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଲେ ହାଇକୋର୍ଟ । ଅଭିଯୁକ୍ତକୁ ମୁମ୍ବାଇରୁ ଟ୍ରେନରୁ ନେଇ ଫେରିବା ବେଳେ ଟ୍ରେନରୁ ଗଳି ପଡ଼ି ମୃତ୍ୟୁ ହୋଇଥିଲା । ୭ ଦିନ ମଧ୍ୟରେ ରାଜ୍ୟ ସରକାରଙ୍କୁ ଏହି କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ରହିଛି । ୨୦୧୮ରେ ଏକ ମାମଲାରେ ଭଦ୍ରକ ଅଞ୍ଚଳର ଅଭିଯୁକ୍ତ ଅମ୍ରିତ ପୁହାଣକୁ ମୁମ୍ବାଇରୁ ଗିରଫ କରିଥିଲା ପୋଲିସ । ମୃତ୍ୟୁ ପରେ ଅଭିଯୁକ୍ତର ମା' ବାସନ୍ତୀ ପୁହାଣ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଭିଯୁକ୍ତଙ୍କୁ ଟ୍ରେନରେ ନେଇ ଫେରୁଥିବା ତିନି ପୋଲିସ କର୍ମଚାରୀଙ୍କୁ କୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହୋଇ ଉତ୍ତର ରଖିଥିଲେ ।

**ବହୁ ଚର୍ଚ୍ଚିତ ଭିସୁଟ୍ ଛାତ୍ରୀ ଚିନ୍ମୟୀ ମୃତ୍ୟୁ ମାମଲା**

# କାହିଁକି ସିବିଆଇ ତଦନ୍ତ ନହେବ, ଜବାବ ଲୋଡିଲେ ହାଇକୋର୍ଟ

କଟକ : ବହୁ ଚର୍ଚ୍ଚିତ ଭିସୁଟ୍ ଛାତ୍ରୀ ଚିନ୍ମୟୀ ମୃତ୍ୟୁ ମାମଲାରେ ସିବିଆଇ ତଦନ୍ତ କାହିଁକି ନହେବ, ଜବାବ ଲୋଡିଲେ ହାଇକୋର୍ଟ । ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଲେ ହାଇକୋର୍ଟ । ଜବାବ ରଖିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ । ଆସନ୍ତା ମଙ୍ଗଳବାର ମାମଲାର ପରବର୍ତ୍ତୀ ଶୁଣାଣି। ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ଜବାବ ଦାଖଲ ହୋଇଥିଲା । ତଦନ୍ତର ଅଗ୍ରଗତି ନେଇ ଜବାବ ଦାଖଲ କରିଥିଲେ ସରକାର । ମୃତ୍ୟୁର ସିବିଆଇ ତଦନ୍ତ ପାଇଁ ପିଟିସନ କରିଥିଲେ ଚିନ୍ମୟୀଙ୍କ ପରିବାର । ୨୦୨୩ ମସିହା ଫେବୃୟାରୀ ୨୮ ତାରିଖରେ ଘଟିଥିଲା ଘଟଣା । ଭିସୁଟ୍ ସମାବର୍ତ୍ତନ ଉତ୍ସବ ପରେ ଚିନ୍ମୟୀ ନିଖୋଜ ନେଇ ପରିବାର ଲୋକ ଥାନାରେ ଖବର କରିଥିଲେ । ମାର୍ଚ୍ଚ ୧ ତାରିଖରେ ଚିନ୍ମୟୀଙ୍କ ମୃତଦେହ ପାୱାର କେନାଲ ବ୍ରିଜ୍ ନିକଟରୁ ମିଳିଥିଲା ।

# 'ପାକିସ୍ତାନ' ମନ୍ତବ୍ୟ ଦେଇ ବିବାଦରେ ବିଚାରପତି: ସୁପ୍ରିମ୍‌କୋର୍ଟଙ୍କ ଭର୍ତ୍ସନା



ନୂଆଦିଲ୍ଲୀ: କର୍ଣ୍ଣାଟକ ହାଇକୋର୍ଟର ଜଣେ ବିଚାରପତିଙ୍କ ବିବାଦୀୟ ମନ୍ତବ୍ୟକୁ ସୁପ୍ରିମ୍ ?କୋର୍ଟ ଗୁରୁତ୍ୱର ସହ ନେଇ ରାଜ୍ୟର ମୁଖ୍ୟ ବିଚାରପତିଙ୍କଠାରୁ ରିପୋର୍ଟ ମାଗିଛନ୍ତି। ବେଙ୍ଗାଲୁରୁରେ ଏକ ମୁସଲମାନ ବହୁଳ ଅଞ୍ଚଳକୁ 'ପାକିସ୍ତାନ' ବୋଲି ଜଷ୍ଟିସ୍ ବେଦବ୍ୟାସାଚର ଶ୍ରୀଶାନନ୍ଦ କହୁଥିବା ଭିଡିଓକୁ ଦୃଷ୍ଟିରେ ରଖି ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱରେ ଗଠିତ ୫ ଜଣିଆ ଖଣ୍ଡପୀଠ ନ୍ୟାୟିକ ଶୃଙ୍ଖଳା ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ନିକଟରେ ଘରମାଲିକ-ଭଡ଼ାଟିଆ ବିବାଦର ଶୁଣାଣି ସମୟରେ ଜଷ୍ଟିସ୍ ଶ୍ରୀଶାନନ୍ଦ ବେଙ୍ଗାଲୁରୁର ଏକ ମୁସଲମାନ ବହୁଳ ଅଞ୍ଚଳକୁ 'ପାକିସ୍ତାନ' ବୋଲି କହିବା ସହ ଜଣେ ମହିଳା ଓକିଲଙ୍କ ପ୍ରତି ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଏସ୍ ଖାନ୍ନା, ଜଷ୍ଟିସ୍ ବିଆର୍ ଗବାଇ, ଜଷ୍ଟିସ୍ ଏସ୍ କାନ୍ତ ଏବଂ ଜଷ୍ଟିସ୍ ଏଚ୍ ରାୟଙ୍କୁ ନେଇ ଗଠିତ ପାଞ୍ଚଜଣିଆ ଖଣ୍ଡପୀଠ ବିଚାରପତିମାନଙ୍କ ପାଇଁ କୋର୍ଟ କାର୍ଯ୍ୟକାଳରେ ସେମାନଙ୍କ ମନ୍ତବ୍ୟ ସମ୍ପର୍କରେ ସ୍ପଷ୍ଟ ମାର୍ଗଦର୍ଶିକା ରଖିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ଯେହେତୁ ସୋସିଆଲ ମିଡିଆ ସକ୍ରିୟ ଭାବରେ ଅଦାଲତ କାର୍ଯ୍ୟ ଉପରେ ନଜର ରଖୁଛି, ତେଣୁ ନ୍ୟାୟିକ ମନ୍ତବ୍ୟ ଅଦାଲତରେ ଆଶା କରାଯାଉଥିବା ଶୃଙ୍ଖଳା ସହିତ ସମାନ ହେବା ଜରୁରୀ। ଜଷ୍ଟିସ୍ ଶ୍ରୀଶାନନ୍ଦଙ୍କ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଗୋଟିଏ କ୍ଲିପ୍ ?ରେ ବିଚାରପତି ଜଣେ ମହିଳା ଓକିଲଙ୍କୁ କହୁଥିବାର ଦେଖିବାକୁ ମିଳିଛି ଯେ ସେ ବିରୋଧୀ ଦଳ ବିଷୟରେ ବହୁତ କିଛି ଜାଣନ୍ତି ଏବଂ ତାଙ୍କ ଅନ୍ତର୍ବାସର ରଙ୍ଗ ମଧ୍ୟ ଚିହ୍ନିବାରେ ସକ୍ଷମ। ଅନ୍ୟ ଏକ କ୍ଲିପ୍ ?ରେ ବିଚାରପତି ବେଙ୍ଗାଲୁରୁର ଏକ ମୁସଲମାନ-ଅଧ୍ୟୁଷିତ ଅଞ୍ଚଳକୁ 'ପାକିସ୍ତାନ' ବୋଲି କହୁଥିବା ଶୁଣିବାକୁ ମିଳୁଛି।

**TARIFF**

| | | |
|---|---|---|
| Full Page | Colour | -15000 |
| Full Page | B/W | - 10000 |
| Half Page | Colour | -10000 |
| Half Page | B/W | - 6000 |
| Quarter Page | Colour | - 5000 |
| Quarter Page | B/W | - 3000 |

**CONTACT**

6371417361 voiceofvictimsnews@gmail.com
www.voiceofvictims.co.in
Follow/Like/Subscribe :
Voice Of Victims News

Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006
**Editor: Gyana Ranjan Mishra**
ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର